# ମନ୍ଦିରକୁ ପ୍ରବେଶ ଉପରେ ଦଳିତଙ୍କୁ ବିରୋଧ



ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଛନ୍ତି।

### ଉତ୍ତ୍ୟକ୍ତ ଲୋକଙ୍କ ଭଞ୍ଜନଗର-ଗାଲେରି ରାସ୍ତା ଅବରୋଧ

ଭଞ୍ଜନଗର,୯।୬(ବାବୁଲା ପ୍ରଧାନ)

ଏବେବି ଲୋକଙ୍କ ମଧ୍ୟରେ ଅନ୍ଧ ବିଶ୍ୱାସ ଭରି ରହିଛି, ଯାହାର ଏକ ଉଦାହରଣ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଥାନା ଅନ୍ତର୍ଗତ ଗୁଜରାଲିରେ ରବିବାର ଅପରାହ୍ନରେ ଦେଖିବାକୁ ମିଳିଛି। ଗ୍ରାମର ଦଳିତ ଲୋକଙ୍କୁ ବିଗତ କିଛି ଦିନ ହେବ ମନ୍ଦିର ପ୍ରବେଶ ଉପରେ ବାରଣ କରାଯାଉଛି। ଏହାକୁ ନେଇ ଗ୍ରାମରେ କିଛିଦିନ ହେବ ଅପ୍ରୀତିକର ପରିସ୍ଥିତି ଲାଗି ରହିଛି। ଭଞ୍ଜନଗର ପୋଲିସ ମଝିରେ ମଝିରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ସମସ୍ୟାର ସମାଧାନ ହେଉଛି। କିନ୍ତୁ ରବିବାର ପୁଣି ଏହି ସମସ୍ୟା ଉପୁଜିବାରୁ ଉତ୍ତ୍ୟକ୍ତ ଦଳିତ ଲୋକ ଭଞ୍ଜନଗର ଗାଲେରି ରାସ୍ତାକୁ ଅବରୋଧ କରିଥିଲେ। ଏହାପରେ ଭଞ୍ଜନଗର ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ଏଥିସହ ମନ୍ଦିର ପୂଜାରୀ ଆସି ମନ୍ଦିର ଖୋଲିବା ପରେ ଦଳିତ ଲୋକ ଠାକୁର ଦର୍ଶନ କରିଥିଲେ। ଏନେଇ ଭଞ୍ଜନଗର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ସୁଜିତ ନାୟକଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ ବର୍ତ୍ତମାନ ସ୍ଥିତି ସ୍ୱାଭାବିକ ଅଛି। ଆଉ କୌଣସି ସମସ୍ୟା ନାହିଁ। ଅପରାହ୍ନରେ ଲୋକେ ୧୫ ମିନିଟ ପାଇଁ ରାସ୍ତା ଅବରୋଧ କରିଥିଲେ। ପୋଲିସ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ସମସ୍ୟାର ସମାଧାନ କରିଛନ୍ତି।

## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ୨ ପରିବାର ସର୍ବସ୍ୱାନ୍ତ

ଖଲ୍ଲିକୋଟ,୯।୬(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ କନକା ଗ୍ରାମରେ ରବିବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ୨ଟି ପରିବାର ସର୍ବସ୍ୱାନ୍ତ ହୋଇଯାଇଛନ୍ତି। କୌଣସି କାରଣରୁ କନକା ଗ୍ରାମର କାମରାଜୁ ନାୟକ ଏବଂ ଦେବରାଜ ନାଏକଙ୍କ ଘରେ ନିଆଁ ଲାଗି ଥିଲା। ଉଭୟଙ୍କ ଦୁଇ ବଖରା ଲେଖାଏ ଜଳିଯାଇଛି। ଏଥିରେ ସେମାନଙ୍କ ସମସ୍ତ ଆସବାବପତ୍ର ସମେତ ଘରର ସବୁ ସାମଗ୍ରୀ ଭସ୍ମିଭୂତ ହୋଇଛି। ଖବରପାଇ ଖଲ୍ଲିକୋଟ ଦମକଳ ବାହିନୀ ପହଞ୍ଚିଥିଲା। କର୍ମଚାରୀମାନେ ଗ୍ରାମବାସୀଙ୍କ ସହ ମିଶି ନିଆଁକୁ ଆୟତ୍ତ କରିଥିଲେ।

### ଦୁର୍ଘଟଣାରେ ଜଣେ ମୃତ, ୬ଗୁରୁତର

ଖଜୁରିପଡା,୯।୬(ବିଦୁର ବେହେରା)

ଖଜୁରିପଡା ଥାନା ଅନ୍ତର୍ଗତ ନିଶ୍ୱାସ କଲେଜ୍ ପାଖରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ୬ଜଣ ଗୁରୁତର ହୋଇଛନ୍ତି । ମୃତକ ହେଲେ ତାପସ ପ୍ରଧାନ (୧୯) । ଗୁରୁତର ୩ଜଣଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତାପସ ପ୍ରଧାନ ଏବଂ ନାସିର ହୁଧିନ କହଁର ଫୁଲବାଣୀରୁ ବାଇକ୍‌ରେ ନିଜ ମାମୁଁ ଘର ଦୁତିପଡ଼ାକୁ ଯାଉଥିଲେ। ଏହି ସମୟରେ ବିପରିତ ଦିଗରୁ ଖଜୁରିପଡାରୁ ଫୁଲବାଣୀ ଆସୁଥିବା ସ୍କୁଟି ଓ ଅନ୍ୟ ଏକ ବାଇକ୍ ସହ ତାପସଙ୍କ ବାଇକର ମୁହାଁମୁହିଁ ଧକ୍କା ହୋଇଥିଲା । ବାଇକଟି ଦ୍ରୁତ ଗତିରେ ଥିବାରୁ ତାହା ଦୁଇ ଗାଡିକୁ ଧକ୍କା ଦେଇଥିଲା । ଯାହାଫଳରେ ତାପସଙ୍କ ମୃତ୍ୟୁ ହୋଇଥିବାବେଳେ ୬ଜଣ ଆହାତ ହୋଇଥିଲେ । ଏନେଇ ଖଜୁରୀପଡ଼ା ଥାନାରେ ନଂ.୯୩/୨୪ରେ ଏକ ମାମଲା ରୁଜୁ ହୋଇଥିବା ତଦନ୍ତ ଅଧିକାରୀ ଦୀନବନ୍ଧୁ ପ୍ରଧାନ କହିଛନ୍ତି ।

### ୨ କାର୍‌ରୁ ମିଳିଲା ୪୧୦ କେଜି ଗଞ୍ଜେଇ

କୋରାପୁଟ,୯।୬ (ଅମିତାଭ ବେହେରା)

ଚୋରାଚାଲାଣବେଳେ ମାଛକୁଣ୍ଡ ପୋଲିସ ୪୦୯ କେଜି ୬୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଗଞ୍ଜେଇ ନେଇ ଯାଉଥିବା ୨ଟି କାର୍, ୨ଟି ମୋବାଇଲ ଜବତ କରିବା ସହ ଚାଲାଣରେ ସମ୍ପୃକ୍ତ ୨ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଝାରସଗୁଡ଼ା ଜିଲା ବି.ବାହାଲ ଗ୍ରାମର ମନୋଜ ଓରାମ (୩୬) ଓ ବେଲପାହାର ଗ୍ରାମର ମହମ୍ମଦ ସରଫରାଜ(୨୦)ଙ୍କୁ ଗିରଫ କରାଯାଇଛି। ସୂଚନାନୁଯାୟୀ, ମାଛକୁଣ୍ଡ ଅଞ୍ଚଳରୁ ୨ଟି କାରରେ ଗଞ୍ଜେଇ ଚାଲାଣ କରାଯାଉଥିବା ନେଇ ଜିଲା ପୋଲିସ ଗୋଇନ୍ଦା ବିଭାଗ ପକ୍ଷରୁ ସୂଚନା ପାଇଥିଲା। କୋରାପୁଟ ଏସ୍‌ପି ଅଭିନବ ସୋନକାରଙ୍କ ନିର୍ଦ୍ଦେଶକ୍ରମେ ନନ୍ଦପୁର ପୋଲିସ ଏସ୍‌ଡିପିଓ ଏସ୍.ମାଝିଙ୍କ ନେତୃତ୍ୱରେ ମାଛକୁଣ୍ଡ ଥାନାଧିକାରୀ କରନାକର ଶବର, ଏସ୍‌ଆଇ ସି.ଏଚ୍ ହାନସଦାଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀ ପ୍ରମୁଖଙ୍କୁ ନେଇ ଏକ ଟିମ ଗଠନ କରାଯାଇଥିଲା। ଏଥିରେ ମାଛକୁଣ୍ଡ ଥାନାର ବୟମଣୀ ମାଝି, କିଶୋର ମିଶ୍ର, ଶ୍ରୀମନ୍ତ ବେହେରା, ଉଜ୍ୱଳ କୁମାର ନାଗ, ମହେଶ୍ୱର ହାଲୱା, ଚିନର୍ମ ରାଉଳ, ପଦଲାମ ଖେମୁଣ୍ଡୁ, ବିଷ୍ଣୁ ଜାନି, ବିଜୟ କୁମାର ପାଙ୍ଗି, ରାଜେଶ ଏକ୍କା ପ୍ରମୁଖ ସାମିଲି ଥିଲେ।

# ଠାକୁରାଣୀ ଯାତ୍ରାରେ ଗୋଷ୍ଠୀ ସଂଘର୍ଷ, ୬ ଆହତ

ଦିଗପହଣ୍ଡି,୯।୬(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମରେ ଚାଲିଥିବା ମା' ଅର୍ଣ୍ଣପୂର୍ଣ୍ଣେଶ୍ୱରୀ ଠାକୁରାଣୀ ଯାତ୍ରାରେ ଭିଡ଼ ନିୟନ୍ତ୍ରଣକୁ କେନ୍ଦ୍ରକରି ଗ୍ରାମର ୨ ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ଘଟିଛି। ଶନିବାର ବିଳମ୍ବିତ ରାତିରେ ମା'ଙ୍କ ଘଟ ପରିକ୍ରମା ଚାଲିଥିବା ବେଳେ ପ୍ରେମନଗର ସାହିରେ ଭିଡ଼ ନିୟନ୍ତ୍ରଣକୁ କେନ୍ଦ୍ରକରି ସାହି କମିଟି ସଦସ୍ୟମାନେ ସାହି ମଧ୍ୟକୁ ବାଇକ ଛାଡି ନଥିଲେ। ସାହି ମଧ୍ୟକୁ ବାଇକ ନେବା ପାଇଁ ଏନ୍.ସେନେୟା ପାତ୍ର ଏବଂ ତାଙ୍କ ପୁତୁରା ଏନ୍. ଜିତୁ ପାତ୍ର ଗ୍ରାମର ମିଥୁନ ପାତ୍ରଙ୍କୁ ବାରଣ କରିଥିଲେ। ଘଟଣାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ଉଗ୍ରରୂପ ନେଇଥିଲା। ପରେ ମିଥୁନଙ୍କ ସମ୍ପର୍କୀୟ ବି.କାଳିଆ ପାତ୍ର, ଚନ୍ଦ୍ର ପାତ୍ର, ଗଣେଶ ପାତ୍ର, ଆର. ଅନାରାଜୁ ପାତ୍ର କାତି, ଠେଙ୍ଗା, ବାଡି ଧରି ଏନ୍. ସେନେୟା ପାତ୍ର, ଏନ୍.ଜିତୁ ପାତ୍ର ଏବଂ ଏନ୍.ଗଙ୍ଗା ପାତ୍ରଙ୍କୁ ଆକ୍ରମଣ କରିଥିଲେ। ପରେ ସେନେୟା ଏବଂ ଜିତୁ ମଧ୍ୟ ସେମାନଙ୍କୁ ପ୍ରତି ଆକ୍ରମଣ କରିଥିଲେ। ଉଭୟ ପକ୍ଷର ଆକ୍ରମଣ ପ୍ରତି ଆକ୍ରମଣରେ ୬ ଜଣ ଆହତ ହୋଇଥିଲେ। ସେମାନଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଏନ୍. ସେନେୟା ଏବଂ ଏନ୍. ଜିତୁଙ୍କୁ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଉଭୟ ପକ୍ଷର ଏତଲାକୁ ଭିତ୍ତି କରି ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛି।

# ସମିତି ସଭ୍ୟ ରାଜୁ ତରେଇ ଗିରଫ

ଖଲ୍ଲିକୋଟ,୯।୬(ପ୍ରଶାନ୍ତ କୁମାର ମିଶ୍ର)

### ଦିଲ୍ଲୀପ ପାହାନ ହତ୍ୟା ଘଟଣା



ଗିରଫ ଅଭିଯୁକ୍ତ

ଶ୍ରୀକୃଷ୍ଣଶରଣପୁର ଗ୍ରାମରେ ରାଜନୈତିକ ହିଂସାରୁ ଗତ ମାସ ୧୫ ତାରିଖରେ ଘଟିଥିବା ଦିଲ୍ଲୀପ ପାହାନ ହତ୍ୟା ଘଟଣାରେ ପୂର୍ବରୁ ୧୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ରବିବାର ସମିତି ସଭ୍ୟ ରାଜୁ ତରେଇଙ୍କୁ ନୟାଗଡ଼ ଜିଲା ଚାନ୍ଦପୁର ନିକଟସ୍ଥ ଏକ ଉପାନ୍ତ ଅଞ୍ଚଳରୁ ଗିରଫ କରାଯାଇଥିବା ସୂଚନା ଦେଇଛନ୍ତି ଖଲ୍ଲିକୋଟ ଥାନାଧିକାରୀ ନରେଶ କୁମାର ସାହୁ। ଶ୍ରୀକୃଷ୍ଣ ଶରଣପୁର ସମିତି ସଭ୍ୟ ରାଜୁ ତରେଇଙ୍କୁ ମିଶାଇ ଦିଲ୍ଲୀପ ହତ୍ୟାକାଣ୍ଡ ଘଟଣାରେ ଏ ପର୍ଯ୍ୟନ୍ତ ପୋଲିସ ୨୦ ଜଣଙ୍କୁ ଗିରଫ କଲାଣି। ଏହି ହତ୍ୟା ଘଟଣାରେ ଆଉ ଦୁଇ ତିନି ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଆଇଆଇସି ସୂଚନା ଦେଇଛନ୍ତି। ସମିତି ସଭ୍ୟ ରାଜୁ ତରେଇଙ୍କୁ ଧରିବା ପାଇଁ ଏସଡିପିଓ ଗୌରହରୀ ସାହୁଙ୍କ ନେତୃତ୍ୱରେ ଖଲ୍ଲିକୋଟ ଆଇଆଇସି ନରେଶ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ରମ୍ଭା ଆଇଆଇସି ସତ୍ୟବ୍ରତ ଭୂଡ଼ିଆ ଓ ଏସଆଇଟି ଟିମ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କୁ ନେଇ ଏକ ୧୫ ଜଣିଆ ପୋଲିସ ଟିମ ଗଠନ କରାଯାଇଥିଲା। ଚାନ୍ଦପୁର ନିକଟସ୍ଥ ଏକ ଉପାନ୍ତ ଅଞ୍ଚଳରେ ରାଜୁ ତରେଇ ଥିବା ଖବର ପାଇ ଶନିବାର ବିଳମ୍ବିତ ରାତିରେ ପୋଲିସ ଟିମ ଚଢ଼ାଉ କରି ରାଜୁଙ୍କୁ ଗିରଫ କରିଥିଲା। ରବିବାର ସନ୍ଧ୍ୟାରେ ରାଜୁଙ୍କୁ ଡାକ୍ତରୀ ପରୀକ୍ଷା ପରେ କୋର୍ଟ ଚାଲାଣ କରାଯାଇଥିଲା।

# ସୁଭଦ୍ରା ଯୋଜନା ନାଁରେ ଟଙ୍କା ହଡ଼ପ ଅଭିଯୋଗ



ଭାଜପା ମହିଳା ମୋର୍ଚ୍ଚା ସଦସ୍ୟାମାନେ ଏସପିଙ୍କ ନିକଟକୁ ଆସିଛନ୍ତି।

### ଏସ୍‌ପିଙ୍କୁ ଫେରାଦ ହେଲା ଭାଜପା ମହିଳା ମୋର୍ଚ୍ଚା

ବ୍ରହ୍ମପୁର,୯।୬(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବିଧାନସଭା କ୍ଷେତ୍ରରେ ସୁଭଦ୍ରା ଯୋଜନା ନାମରେ ଏକ ବେସରକାରୀ ସଂସ୍ଥାର ସଦସ୍ୟମାନେ ଟଙ୍କା ହଡ଼ପ କରୁଥିବାର ଅଭିଯୋଗ ହୋଇଛି। ରାଜ୍ୟ ଭାଜପା ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ବବିତା ପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବ୍ରହ୍ମପୁର ଏସ୍‌ପିଙ୍କ ନିକଟରେ ଏ ନେଇ ଫେରାଦ ହୋଇ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ଏଥିରେ ଉଲ୍ଲେଖ ରହିଛି ଯେ, ୨୦୨୪ ସାଧାରଣ ନିର୍ବାଚନରେ ଭାଜପା ପକ୍ଷରୁ ନିର୍ବାଚନୀ ଇସ୍ତାହାରରେ ସୁଭଦ୍ରା ଯୋଜନାରେ ରାଜ୍ୟର ମହିଳାମାନଙ୍କୁ ୫୦ ହଜାର ଟଙ୍କାର ଟୋକେନ ଦେବାପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। ଏହାର ସୁଯୋଗ ନେଇ କିଛି ବେସରକାରୀ ସଂସ୍ଥା ଏଭଳି କରୁଥିବା ଜଣାପଡିବା ପରେ ଗଞ୍ଜାମ ଜିଲା ସମ୍ପାଦିକା ରତ୍ନଗର୍ଭା ସରସ୍ୱତୀ ଦେବୀ ସେଠାରେ ପହଞ୍ଚି ଏହାର ବିରୋଧ କରିଥିଲେ। ଅନ୍ୟ ରାଜନୈତିକ ଦଳ ପକ୍ଷରୁ ଭାଜପାକୁ ବଦନାମ କରିବାକୁ ଅପଚେଷ୍ଟା କରାଯାଉଛି। ରାଜ୍ୟରେ ସରକାର ଗଠନ ପରେ ଲୋକଙ୍କୁ ସୁଭଦ୍ରା ଯୋଜନାର ସୁବିଧା ଯୋଗାଇ ଦିଆଯିବ। ମହିଳା ମୋର୍ଚ୍ଚା ପକ୍ଷରୁ ଏଥିରେ ସଂପୃକ୍ତ ଅପରାଧୀଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ଦାବି କରାଯାଇଛି। କର୍ପୋରେଟର ସବିତା ସାହୁ, କର୍ପୋରେଟର ବନିତା ସାହୁ, ଜିଲା ସମ୍ପାଦିକା ରତ୍ନଗର୍ଭା ସରସ୍ୱତୀ ଦେବୀ, ନିବେଦିତା ପାଢ଼ୀ, ଲକ୍ଷ୍ମୀ ବେହେରା, ପ୍ରାଚୀ ଦାସ, ନିରୁ ନାୟକ, ଗୀତା ଦାସ, ପୂଜା ମହାପାତ୍ର, ସ୍ମିତାରାଣୀ ପାଣିଗ୍ରାହୀ, ଜିଲା ସାଧାରଣ ସମ୍ପାଦକ ପ୍ରଭାତ ଷଡ଼ଙ୍ଗୀ ଏସପିଙ୍କୁ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

### ରାତିରେ ଲକ୍ଷ୍ମୀ ବସରୁ ହଟିଲା ଷ୍ଟିକର

ପାତ୍ରପୁର,୯।୬(ଉମା ଚରଣ ନେପାକ)

ରାତି ଅଧରେ ହଟୁଛି ଲକ୍ଷ୍ମୀ ବସ ଷ୍ଟିକର। ଗଞ୍ଜାମ ଜିଲା ପାତ୍ରପୁର ବ୍ଲକରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି । ନିର୍ବାଚନ ପୂର୍ବର ବିଜେଡି ସରକାର ଦ୍ୱାରା ଲକ୍ଷ୍ମୀ ବସ ଯୋଜନା ଆରମ୍ଭ କରାଯାଇଥିଲା। କମ୍ ଖର୍ଚ୍ଚରେ ଲୋକଙ୍କ ଯାତାୟତ ଏହାର ମୂଳ ଲକ୍ଷ୍ୟ ଥିଲା । ପୂର୍ବରୁ ସମସ୍ତ ବସରେ ଶଙ୍ଖ ଚିହ୍ନ ଷ୍ଟିକର ଲାଗିଥିବା ବେଳେ ହଠାତ୍ ଏହା ହଟାଇ ଦିଆଯାଉଛି । ଏହା କେବଳ ନିର୍ବଚନୀ ପ୍ରଚାର ପାଇଁ ଲୋକଙ୍କୁ ଭୁଁଆ ବୁଲାଇବା ପାଇଁ ବୋଲି ସାଧାରଣରେ ଏବେ ଚର୍ଚ୍ଚା ହେଉଛି । ତେବେ ରାତି ଅଧରେ ଷ୍ଟିକର ହଟା ଯାଉଥିବାବେଳେ ଲକ୍ଷ୍ମୀ ବସ ଚାଲିବା ନେଇ ଏବେ ସଧାରଣ ଲୋକଙ୍କ ମନରେ ଦ୍ୱନ୍ଦ ଦେଖା ଦେଇଛି । ଏନେଇ ଷ୍ଟିକର୍ ହଟାଉଥିବା କର୍ମଚାରୀଙ୍କୁ ପଚାରିବାରୁ , ସୁପରଭାଇଜର ନିର୍ଦ୍ଦେଶକ୍ରମେ ଏଭଳି ହେଉଥିବା ସେମାନେ କହିଛନ୍ତି । ଏନେଇ ପାତ୍ରପୁର ବ୍ଲକ ଗୋଷ୍ଠି ଉନ୍ନୟନ ଅଧିକାରୀ ସୁମନ ସୁଦ୍ଧା କୁଣ୍ଡୁଙ୍କୁ ସହ ଯୋଗାଯୋଗ କରିବାରୁ ସେ ଏ ସମ୍ପର୍କରେ ଜାଣିନଥିବା ପ୍ରତିକ୍ରିୟା ରଖିଛନ୍ତି ।

# ପାଣ୍ଡିଆନଙ୍କ କୁଶ ପୁତ୍ତଳିକା ଦାହ



ପାଣ୍ଡିଆନଙ୍କ କୁଶ ପୁତ୍ତଳିକା ଦାହ କରାଯାଉଛି।

ପୋଲସରା,୯।୬(ସୁବ୍ରତ ବେହେରା)

ପୋଲସରା ବ୍ଲକ ଭାବରଡ଼ା ଗ୍ରାମରେ ବିଜେଡିର ବରିଷ୍ଠ ନେତା ଥିବା ଭି.କେ ପାଣ୍ଡିଆନଙ୍କ କୁଶପୁତ୍ତଳିକା ରବିବାର ଦାହ କରାଯାଇଛି। ଚଳିତ ସାଧାରଣ ନିର୍ବାଚନରେ ବିଜେଡି ସମ୍ପୂର୍ଣ୍ଣ ଧୂଳିସାତ ହୋଇ ପରାଜୟ ବରଣ କରିଛି। ଏହି ପରିପ୍ରେକ୍ଷୀରେ ବିଜେଡି କର୍ମୀମାନେ ପାଣ୍ଡିଆନଙ୍କ ଫଟୋରେ ଜୋତାମାଳ ପିନ୍ଧାଇ ମଦ ପ୍ୟାକେଟ ପକାଇ ଅଗ୍ନି ସଂଯୋଗ କରି କୁଶପୁତ୍ତଳିକା ଦାହ କରିଥିଲେ। ଭାବରଡ଼ା ଗ୍ରାମର ଗ୍ରାମବାସୀ ସଭାପତି ସୁରେନ୍ଦ୍ର ସାହୁ, ରଞ୍ଜିତ ସାହୁ, ଅମର ନାହାକ, ଭଗବାନ ସ୍ୱାଇଁ, ଖଦାଳ ନାହାକ ସମେତ ଅନ୍ୟ ବିଜେଡ଼ି କର୍ମୀମାନେ ବିଜେଡିର ପରାଜୟକୁ ସହଜରେ ଗ୍ରହଣ କରି ନପାରି ମର୍ମାହତ ହୋଇପଡ଼ିଛନ୍ତି।

# ପାଣି ପାଇଁ ହାଣ୍ଡି, ମାଠିଆ ଧରି ମହିଳାଙ୍କ ରାସ୍ତାରୋକୋ

ଟିକିରି,୯।୬ (ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ପଞ୍ଚାୟତ ଅନ୍ତର୍ଗତ ଗୋକୁଳମୁଣ୍ଡା ଗ୍ରାମବାସୀ ପାଣି ପାଇଁ ରବିବାର ରାସ୍ତାରୋକୋ କରିଛନ୍ତି। ଶନିବାର ସକାଳ ୮ଟାରୁ ଗ୍ରାମର ମହିଳାମାନେ ହାଣ୍ଡି, ଗରା, ଡେକ୍‌ଚି ରଖି ଟିକିରିଠାରୁ ନୂଆପଡ଼ା ସଂଯୋଗ କରୁଥିବା ରାସ୍ତା ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡି ମୋଟର ଛିଡ଼ା ହୋଇ ରହିଥିଲା। ଖବରପାଇ ଟିକିରି ଥାନା ଆଇଆଇସି ବିଶ୍ୱବନ୍ଦିନୀ ବାଗ୍, ଏଏସ୍‌ଆଇ ମହେଶ୍ୱର ପାଇକ ଓ ଅନ୍ୟ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ପରେ କାଶୀପୁର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଦ୍ମିନୀ କୁଅାଁର ଘଟଣାସ୍ଥଳରେ ପହଞ୍ଚି ୧୬ ଦିନ ଭିତରେ ପାଣି ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପୂର୍ବାହ୍ନ ୧୧ଟାରେ ମହିଳାମାନେ ରାସ୍ତାରୋକୋରୁ ହଟିଥିଲେ।

ଗୋକୁଳମୁଣ୍ଡା ଗ୍ରାମରେ ପ୍ରାୟ ୧୦୦ ପରିବାର ବସବାସ କରନ୍ତି। ଗ୍ରାମକୁ ପାଇପ୍ ଯୋଗେ ଜଳଯୋଗାଣ ବ୍ୟବସ୍ଥା କରାଯାଇଛି। ହେଲେ ଗତ କିଛିଦିନ ହେଲା ଗ୍ରାମକୁ ଠିକ୍ ଭାବେ ପାଣି ଆସୁ ନ ଥିବାରୁ ଲୋକେ ପାଣି ଟୋପାଏ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନେକ ସମୟରେ ବହୁତ କମ୍ ସମୟ ପାଣି ଆସୁଥିବାରୁ ଜଳ ସଂଗ୍ରହ ପାଇଁ ସାହିର ମହିଳାଙ୍କ ମଧ୍ୟରେ ଝଗଡ଼ା ଲାଗିଥାଏ। ରବିବାର ସପ୍ଲାଏ ପାଣି ନ ଆସିବାରୁ ଗ୍ରାମର ମହିଳାମାନେ ଏକାଠି ହୋଇ ଟିକିରିଠାରୁ ନୂଆପଡ଼ା ସଂଯୋଗ କରୁଥିବା ରାସ୍ତା ଅବରୋଧ କରିଥିଲେ।

### ରେଳଧାରଣାରୁ ବୃଦ୍ଧଙ୍କ ମୃତଦେହ ଜବତ

ବ୍ରହ୍ମପୁର,୯।୬(ସୁବାସ ଚନ୍ଦ୍ର ପାଢ଼ୀ)

ରେଳବାଇ ପୋଲିସ ଖୋଡାସିଂ ନିକଟ ରେଳ ଧାରଣାରୁ ଜଣେ ବୃଦ୍ଧଙ୍କ ମୃତଦେହ ଜବତ କରିଛି। ସେ ହେଲେ ଆଙ୍କୁଲି ନିଗମନଗର ୫ମ ଲାଇନର ଭୀମସେନ ମୂଳୀ(୬୨) । ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଭୀମସେନ ଆଙ୍କୁଲି ଯାତ୍ରା ଦେଖିବାକୁ ଯାଇଥିଲେ। ସେ ରେଳଧାରଣା ପାର ହେଉଥିବା ବେଳେ କୌଣସି ଟ୍ରେନ ଧକ୍କା ଦେବାରୁ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି।

# ଆସ୍ପୃହା ମଣ୍ଡଳର ଶିକ୍ଷକ ସମ୍ମିଳନୀ ଉଦ୍‌ଘାଟିତ

ଖଲ୍ଲିକୋଟ,୯।୬(ପ୍ରଶାନ୍ତ କୁମାର ମିଶ୍ର)




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

### ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର

ଖଲ୍ଲିକୋଟ ସହରରେ ଥିବା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ରବିବାର ସନ୍ଧ୍ୟାରେ ଆସ୍ପୃହା ମଣ୍ଡଳର ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲାରେ ଥିବା ସମସ୍ତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ସମସ୍ତ ଶିକ୍ଷୟତ୍ରୀ ଶିକ୍ଷକମାନଙ୍କ ଏକ ୪ ଦିନିଆ ସମ୍ମିଳନୀ ଉଦଘାଟିତ ହୋଇଯାଇଛି। ଉକ୍ତ ଉତ୍ସବରେ ଅନୁଷ୍ଠାନର ସଭାପତି ଚକ୍ରପାଣି ସ୍ୱାଇଁ ଆଧ୍ୟାତ୍ମିକ ପତାକା ଉତ୍ତୋଳନ କରିଥିଲେ। ଆୟୋଜିତ ସଭା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ନବଜୀବନ ଶିକ୍ଷା ସଂସଦର ସମ୍ପାଦକ ପ୍ରସାଦ ତ୍ରିପାଠୀ ଯୋଗଦେଇ ଜୀବନ ଶିକ୍ଷାରେ ଛାତ୍ରୀଛାତ୍ରମାନଙ୍କ ଚୈତ୍ୟ ରୂପାନ୍ତରରେ ଶିକ୍ଷକ ପଥ ପ୍ରଦର୍ଶକ ସାଜିଥାଏ ବୋଲି କହିଥିଲେ। ଅସ୍ପୃହା ମଣ୍ଡଳର ସଂଯୋଜକ ଭାଗିରଥି ମହାପାତ୍ର, ଲଲାଟେନ୍ଦୁ ସାମନ୍ତ ଏବଂ ମନୋଜ କୁମାର ସ୍ୱାଇଁ ଯୋଗଦେଇ ଶ୍ରୀ ଅରବିନ୍ଦଙ୍କ ଆଧ୍ୟାତ୍ମିକ ଶିକ୍ଷା ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅସ୍ପୃହା ମଣ୍ଡଳର ସଂଗଠକ ସୁରେନ୍ଦ୍ର ନାଥ ଦାଶ, ଶିକ୍ଷା କେନ୍ଦ୍ରର ସମ୍ପାଦକ ରାମମୋହନ ପଣ୍ଡା, ପ୍ରାକ୍ତନ ଅଧ୍ୟକ୍ଷ ଅମୂଲ୍ଯ କୁମାର ମିଶ୍ର ନିଜ ନିଜର ବକ୍ତବ୍ୟ ରଖିଥିଲେ। ଆଗାମୀ ଶିକ୍ଷା ବର୍ଷର ଜାତୀୟ ଶିକ୍ଷା ନୀତି ଅନୁଯାୟୀ କେଉଁ କେଉଁ ବିଷୟରେ ଗୁରୁତ୍ୱ ଦିଆଯିବ ଏବଂ ଶ୍ରୀ ଅରବିନ୍ଦଙ୍କ ଯୋଗ ଶିକ୍ଷା ବିଷୟରେ ଛାତ୍ରୀଛାତ୍ରମାନଙ୍କୁ କେମିତି ଶିକ୍ଷା ପ୍ରଦାନ କରାଯିବ ସେହି ବିଷୟରେ ଆଲୋଚନା କରାଯାଇଥିଲା। ଆସ୍ପୃହା ମଣ୍ଡଳର ସମସ୍ତ କର୍ମକର୍ତ୍ତା ଏବଂ ଶିକ୍ଷା କେନ୍ଦ୍ରର ଶିକ୍ଷକ ଏବଂ ପରିଚାଳନା କର୍ମକର୍ତ୍ତା ମାନେ ଶିବିରକୁ ପରିଚାଳନା କରୁଛନ୍ତି। ଏହି ଶିକ୍ଷକ ସମ୍ମିଳନୀ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡ଼ିଛି।

# ଚୁଆପାଣି ପିଉଛନ୍ତି ପାଇବରସାହି ଗ୍ରାମବାସୀ

ବାଲିଗୁଡା,୯।୬(ସଞ୍ଜୟ କୁମାର ପାଣିଗ୍ରାହୀ)



ଚୁଆପାଣି ସଂଗ୍ରହ କରୁଛନ୍ତି ମହିଳା।

କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ବ୍ଲକ ସାରଙ୍ଗଗଡ଼ ପଞ୍ଚାୟତର ୧୬ ନମ୍ବର ୱାର୍ଡ଼ ପାଇବରସାହି ଗ୍ରାମବାସୀ ଜଳଯନ୍ତ୍ରଣାରେ ଛଟପଟ ହେଉଛନ୍ତି । ୨୦୦ରୁ ଊର୍ଦ୍ଧ୍ୱ ଜନସଂଖ୍ୟା ଥିବା ଏହି ଗାଁ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ୬ କି.ମି ଦୂରରେ ରହିଛି। ଖରାଦିନେ ଜଳସ୍ତର ହ୍ରାସ ଯୋଗୁଁ ଏଠାକାର ଏକମାତ୍ର ନଳକୂପ ଲୋକଙ୍କ ଆବଶ୍ୟକତାକୁ ମେଣ୍ଟାଇ ପାରୁନି। ତେଣୁ ବାଧ ହୋଇ ଗ୍ରାମବାସୀ ବିଲମାଳର ଚୁଆରୁ ପାଣି ସଂଗ୍ରହ କରି ଶୋଷ ମେଣ୍ଟାଉଛନ୍ତି। ଅଞ୍ଚଳବାସୀ ଚୁଆର ଗୋଳିଆ ପାଣି ପିଇ ବିଭିନ୍ନ ରୋଗର ଶିକାର ହେଉଛନ୍ତି। ଅନ୍ୟପଟେ ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ ପାଇଁ ସରକାର ସୋଲାର ଜଳ ପ୍ରକଳ୍ପ ଓ ବସୁଧା ଯୋଜନା ଭଳି ଯୋଜନା ଥିଲେ ସୁଦ୍ଧା ଏଠାରେ ତାହା କାର୍ଯ୍ୟକାରୀ ହୋଇ ନ ଥିବା ଅଭିଯୋଗ ହୋଇଛି। ତେଣୁ ପ୍ରଶାସନ ତୁରନ୍ତ ପାଇବରସାହିରେ ନଳକୂପ କିମ୍ବା କୂପ ନିର୍ମାଣ କରିବାକୁ ଗ୍ରାମର ଭବାନୀ ମଲିକ, ରିମତି ପ୍ରଧାନ, ଶାନ୍ତି ମଲିକ, ଲକ୍ଷ୍ମୀ ମଲିକ, ଝୁନୁ ସାହୁ, ସୁମିତ୍ରା ସାହୁ, ଅନିତା ବେହେରା, ବାସନ୍ତୀ ବିନ୍ଧାଣି, ସୁଦମତି ପ୍ରଧାନ, ଜନମତି ପ୍ରଧାନ, ଯାଜ୍ଞସେନୀ ପ୍ରଧାନ, ଗିରିଧର ମଲିକ, ରେଣା ପ୍ରଧାନ ଓ ଶୁକଦେବ ବେହେରା ପ୍ରମୁଖ ଦାବି କରିଛନ୍ତି।

## ସଂକ୍ଷେପରେ

### ସୀମାନ୍ତ ଖବରଦାତା ସଂଘ କର୍ମକର୍ତ୍ତା ଚୟନ

ପାତ୍ରପୁର,୯।୬(ଉମା ଚରଣ ନେପାକ)

ପାତ୍ରପୁର ବ୍ଲକ ସୀମାନ୍ତ ଖବରଦାତା ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ରବିବାର ସଂଘ ସଭାପତି ରବୀନ୍ଦ୍ର କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଡୁରୁବୁଡି ପଞ୍ଚାୟତ ନୂଆଗଡ଼ସ୍ଥିତ ବାଘଲଟିଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଘର ଆଗାମୀ ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ସାମ୍ବାଦିକ ଭବନ ନିର୍ମାଣ କରିବା ନେଇ ସଂଘର ସମସ୍ତ ସଭ୍ୟ ମତ ଦେଇଥିଲେ। ସଂଘ ସମ୍ପାଦକ ନିଳାଞ୍ଚଳ ପଟ୍ଟନାୟକ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ଏହି ଅବସରରେ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତିକ୍ରମେ ନୂତନ ସଭାପତି ଭାବେ ରାଜଗୋପାଳ ପାଢ଼ୀ, ଉପସଭାପତି ଭାବେ ସୁରେଶ କୁମାର ପଟ୍ଟନାୟକ, ସମ୍ପାଦକ ଭାବେ ମାଧବ ବାଡ଼ତ୍ୟା, କୋଷାଧ୍ୟକ୍ଷ ଭାବେ ଉମା ଚରଣ ନେପାକ, ସହସମ୍ପାଦକ ଭାବେ ଆଲୁ ଜୟପ୍ରକାଶ ପ୍ରମୁଖ ଚୟନ ହୋଇଥିଲେ। ରବୀନ୍ଦ୍ର କୁମାର ମିଶ୍ର ଓ ନିଳାଞ୍ଚଳ ପଟ୍ଟନାୟକ ସଂଘ ଉପଦେଷ୍ଟା ମନୋନୀତ ହୋଇଛନ୍ତି। ସନ୍ତୋଷ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଜିଲାସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା

ପାତ୍ରପୁର, ୯।୬(ଉମାଚରଣ ନେପାକ)

ଗଞ୍ଜାମ ଜିଲା ପୁରୁଷୁତ୍ତମପୁରସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମଠାରେ ୧୦ମ ଜିଲାସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗୀ ରବିବାର ଉଦ୍‌ଯାପିତ ହୋଇଥିବା ବେଳେ ପାତ୍ରପୁର ବ୍ଲକ ସାମନ୍ତିଆପଲ୍ଲୀ ସ୍ଥିତ ଏଲ.ଏନ. ଟାଏକୋଣ୍ଡୋ ଏକାଡେମୀର ୫ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ୩ଜଣ ପ୍ରତିଯୋଗୀ ସ୍ୱର୍ଣ୍ଣପଦକ ହାସଲ କରିଥିବା ବେଳେ ୨ଜଣ ପ୍ରତିଯୋଗୀ ରୌପ୍ୟ ପଦକ ହାସଲ କରି ଅଞ୍ଚଳ ପାଇଁ ସୁନାମ ଆଣିଛନ୍ତି। ତ୍ରିଲୋଚନ ରେଡ୍ଡି, ସାଇ ସମ୍ପ୍ରତି ପ୍ରଧାନ, ବିନ୍ଦୁସ୍ମିତା ତରାସିଆ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ଉନ୍ନୀତ କୁମାର ବେହେରା ଓ ଉପାଡା ମୋହନୀ ରୌପ୍ୟ ପଦକ ହାସଲ କରିଛନ୍ତି ।

### ଶୀତଳଷଷ୍ଠୀ ଯାତ୍ରା ପ୍ରସ୍ତୁତି ବୈଠକ

ଧରାକୋଟ,୯।୬ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟଠାରେ ଶୀତଳଷଷ୍ଠୀ ଯାତ୍ରାକୁ ଜାକଜମକରେ ପାଳନ କରାଯିବା ପାଇଁ ଏକ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସୋମବାର ଶୀତଳଷଷ୍ଠୀରେ ଶିବ ଓ ପାର୍ବତୀଙ୍କ ବିବାହ, ୧୧ ତାରିଖରେ ନଗର ପରିକ୍ରମା କରାଯିବ। ୧୨ ତାରିଖରେ ନିକଟସ୍ଥ ହାଡ଼ିଚିରା ଗ୍ରାମର ପୌରାଣିକ ନାଟକ ରାମାୟଣ ମଞ୍ଚସ୍ଥ କରାଯିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତି ହୋଇଛି। ସ୍ଥାନୀୟ ରଥ ପଦା ଠାରେ ପ୍ରଭୁଙ୍କର ଅସ୍ଥାୟୀ ମଣ୍ଡପ ନିର୍ମାଣ କରାଯାଇ ପ୍ରଭୁ ଚନ୍ଦ୍ରଶେଖର, ସ୍ୱପ୍ନେଶ୍ୱର ଓ ମା ପାର୍ବତୀଙ୍କୁ ବିରାଜମାନ କରାଯିବ । ଏଥିପାଇଁ ପୁରୋହିତଙ୍କ ଉପସ୍ଥିତିରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ବୈଠକରେ ପୂର୍ବତନ ସରପଞ୍ଚ ଦିଲୀପ ସ୍ୱାଇଁ ସଭାପତିତ୍ୱ କରିଥିଲାବେଳେ ସ୍ଥାନୀୟ ସରପଞ୍ଚ ପୁନିଆ ଦାସ, ଶ୍ୟାମ ସୁନ୍ଦର ତ୍ରିପାଠୀ, ସୁନିଲ ସ୍ୱାଇଁ, ଟୁନା ଆଚାର୍ଯ୍ୟ, ଗଣେଶ ପାତ୍ର, ବାପୁନି ସ୍ୱାଇଁ, ଦିଲୀପ ପ୍ରଧାନଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ରହିଥିଲେ।

# ପିଇବା ପାଣି ପାଇଁ ରାଜରାସ୍ତାକୁ ଓହ୍ଲାଇଲେ ମହିଳା

ପାରଳାଖେମୁଣ୍ଡି, ୯।୬ (ଗିରିଧାରୀ ପରିଛା)

ଗଜପତି ଜିଲା ଗୋଷାଣି ବ୍ଲକ ଅନ୍ତର୍ଗତ ଉପଲଡା ଗ୍ରାମରେ ପାନୀୟ ଜଳ ସମସ୍ୟାକୁ ନେଇ ମହିଳାମାନେ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଉପଲଡା ଗ୍ରାମର ହାଟପଦା ଅଞ୍ଚଳରେ ବହୁ ମହିଳା ଏକତ୍ରିତ ହୋଇ ପାରଳାଖେମୁଣ୍ଡି-ମୋହନା ଜାତୀୟ ରାଜପଥ ୩୨୬-ଏରେ ପ୍ରାୟ ଏକ ଘଣ୍ଟା ଧରି ପାଣି ହାଣ୍ଡି ଧରି ବିକ୍ଷୋଭ ପ୍ରଦର୍ଶନ କରି ରାସ୍ତାରୋକ କରିଥିଲେ। ପିଇବା ପାଣି ପାଇଁ ଏକ ଓଭର ହେଡ ଟାଙ୍କି ଓ ମୋଟର ରହିଛି। ହେଲେ କୌଣସି କାରଣରୁ ଏହା ଖରାପ ହୋଇଯାଇଥିବା ଯୋଗୁଁ ପାନୀୟ ଜଳ ଯୋଗାଣ ବନ୍ଦ ହୋଇପଡ଼ିଛି। ଗ୍ରାମର ଗୋଟିଏ ସାହିର ୫୦ରୁ ଊର୍ଦ୍ଧ୍ୱ ପରିବାର ଦୀର୍ଘ ଦିନ ହେଲା ପାଣି ସମସ୍ୟାର ସମାଧାନ ପାଇଁ ବିଭିନ୍ନ ସ୍ତରରେ ଗୁହାରି କରିଛନ୍ତି। ଦୀର୍ଘ ଦିନ ହେବ ଗ୍ରାମରେ ପାନୀୟ ଜଳ ସମସ୍ୟା ରହିଥିଲେ ମଧ୍ୟ ପ୍ରଶାସନିକସ୍ତରରେ କୌଣସି ସମାଧାନ କରାଯାଇ ନ ଥିବାରୁ ବାଧହୋଇ ରାଜରାସ୍ତାକୁ ଓହ୍ଲାଇଛୁ ବୋଲି ମହିଳାମାନେ ପ୍ରକାଶ କରିଛନ୍ତି। ପିଇବା ପାଣି ପାଇଁ ପ୍ରାୟ ଅଧା କିମି ଦୂରରେ ମୁଖ୍ୟରାସ୍ତା ତଟରେ ଥିବା ଟ୍ୟୁବୱେଲରୁ



ମହିଳାମାନେ ଗରା, ମାଢ଼ିଆ ଧରି ବିକ୍ଷୋଭ କରୁଛନ୍ତି।

ପାଣି ଆଣୁଛନ୍ତି। ଏହି ଟ୍ୟୁବୱେଲରୁ କଳଙ୍କିଯୁକ୍ତ ପାଣି ଆସୁଥିବାରୁ ପିଇବା ପାଇଁ ଉପଯୋଗ ନ ହେଲେ ମଧ୍ୟ ବାଧ ହୋଇ ପିଉଥିବା ଗ୍ରାମବାସୀ ଜଣାଇଛନ୍ତି। ସେହିପରି ପୋଷାକ ଆଦି ସଫା କରିବା ପାଇଁ ମଧ୍ୟ କୌଣସି ଜଳ ଉତ୍ସ ନଥିବା ଯୋଗୁଁ ନାହିଁ ନଥିବା ଅସୁବିଧା ଭୋଗୁଥିବା ଜଣାଇଛନ୍ତି। ରାଜରାସ୍ତାକୁ ମହିଳାମାନେ ଅବରୋଧ କରିଥିବା ଖବର ପାଇ ଗୁରାଣ୍ଡି ଥାନା ଅଧିକାରୀ ରବୀନ୍ଦ୍ର ପାତ୍ର, ଏସଆଇ ବଳରାମ ବେହେରା ସଦଳେବଳେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବହୁ ବୁଝାସୁଝା କରିଥିଲେ। ପରେ ଆନ୍ଦୋଳନରତ ମହିଳାମାନେ ରାସ୍ତା ଅବରୋଧରୁ ହଟିଥିଲେ। ଫଳରେ ଜାତୀୟ ରାଜପଥରେ ଯାତାୟତ ସ୍ୱାଭାବିକ ହୋଇଥିଲା। ଏକ ଘଣ୍ଟା ଧରି ମୋହନା, ପାରଳାଖେମୁଣ୍ଡି, ରାୟଗଡ, ରା.ଉଦୟଗିରି, ରାମଗିରି ଆଦି ଅଞ୍ଚଳକୁ ଯାଉଥିବା ଏବଂ ଆସୁଥିବା ମୋଟର ଗାଡି ଅଟକି ରହିଥିଲା। ଏହା ସହ ଯାତ୍ରୀ ଓ ପଥଚାରୀମାନେ ଏକ ଘଣ୍ଟା ଧରି ଅଧାବାଟରେ ରହିଯାଇଥିବା ଯୋଗୁଁ ଚିନ୍ତିତ ରହିଥିଲେ। ଅପରପକ୍ଷରେ ଉପଲଡା ସରପଞ୍ଚଙ୍କ ପକ୍ଷରୁ କୁହାଯାଇଛି ଯେ, ଏହି ସମସ୍ୟାର ସମାଧାନ ନିମନ୍ତେ ବିଭାଗୀୟ ଯନ୍ତ୍ରୀଙ୍କୁ ଅବଗତ କରାଯାଇ ଓଭରହେଡ ପାଣି ଟାଙ୍କିରୁ କେଉଁ କାରଣ ଯୋଗୁଁ ପାଣି ଆସୁନାହିଁ ତାହାକୁ ନେଇ ଯାଞ୍ଚ କରାଯିବ। ପରେ ଆବଶ୍ୟକୀୟ ମରାମତି କରାଯାଇ ତୁରନ୍ତ ପାଣି ଯୋଗାଣ ବ୍ୟବସ୍ଥା କରାଯିବ ବୋଲି ସୂଚନା ଦେଇଛନ୍ତି। ତେବେ ମରାମତି ହେବା ପର୍ଯ୍ୟନ୍ତ ବିକଳ୍ପ ବ୍ୟବସ୍ଥା କରାଯାଇ ପାଣି ଯୋଗାଇ ଦିଆଯିବ ବୋଲି ଜଣାପଡିଛି।

## ଦେଢ କୋଟି ଟଙ୍କାର ଗଞ୍ଜେଇ ଜବତ, ୩ ଗିରଫ

ଆର.ଉଦୟଗିରି/ମୋହନା, ୯।୬ (ମନୋଜ କୁମାର ପାଢୀ/ମନ୍ମଥ ମିଶ୍ର)

ଗଜପତି ଜିଲା ଆର.ଉଦୟଗିରି ଓ ମୋହନା ଥାନା ଅଞ୍ଚଳରେ ପୋଲିସ ଦେଢ କୋଟି ଟଙ୍କାର ଗଞ୍ଜେଇ ଜବତ କରିଛି। ଚାଲାଣରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରାଯାଇଛି। ଘଟଣା ସ୍ଥଳରୁ ପୋଲିସ ଏକ କଣ୍ଟେନର ଓ ଦୁଇଟି କାର ଜବତ କରିଛି। ମୋହନା ଥାନା ପୋଲିସ କମଳାପୁରା ନାକା ଗେଟ ନିକଟରେ ପାଟ୍ରୋଲିଂ କରୁଥିବା ସମୟରେ ସନ୍ଦେହରେ କଣ୍ଟେନରକୁ ଯାଞ୍ଚ କରିଥିଲା। କଣ୍ଟେନରର ସିକ୍ରେଟ ଚାମ୍ବରରୁ ପୋଲିସ ୭ କୁଇଣ୍ଟାଲ ୫୮ କେଜି ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ଦୁହେଁ ହେଲେ ଉତ୍ତର ପ୍ରଦେଶର ମହମ୍ମଦ ଅଲ୍ଲୀ ଓ ତସଲିମ ଖାଁ। ସେହିପରି ଆର.ଉଦୟଗିରି ପୋଲିସ ରାମଗିରି ଓ ଛେଳିଗଡ ନିକଟରେ ଦୁଇଟି କାରରୁ ୨ କୁଇଣ୍ଟାଲ ୭୫ କେଜି ଗଞ୍ଜେଇ ଜବତ କରିଛି। ସମ୍ପୃକ୍ତ ରାମଗିରିର ସୁଧାଂଶୁ କରାଡ଼ଙ୍କୁ ଗିରଫ କରିଛି । ଉଭୟ ସ୍ଥାନରୁ ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ଦେଢ କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ପୋଲିସ କହିଛି। ଅଡବା ଓ ଆର.ଉଦୟଗିରି ଥାନା ଅଞ୍ଚଳରୁ ବିହାର ଓ ଉତ୍ତରପ୍ରଦେଶକୁ ଏହି ଗଞ୍ଜେଇ ଚାଲାଣ ହେଉଥିଲା ବୋଲି ଏସପି ସ୍ୱାତୀ ଏସ ସୂଚନା ଦେଇଛନ୍ତି ।

## ଭଞ୍ଜନଗରରେ ନନ୍ଦିନୀ ଦେବୀଙ୍କ ଜୟନ୍ତୀ ପାଳିତ


ଜୟନ୍ତୀ ଉତ୍ସବରେ ଯୋଗଦେଇଥିବା ଛାତ୍ରୀଛାତ୍ରମାନେ।

ଭଞ୍ଜନଗର,୯।୬(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ସୋମନାଥ ସରକାରୀ ଅଭ୍ୟାସ ଉଚ୍ଚ ବିଦ୍ୟାଳୟରେ ରବିବାର ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ବକ୍ତାମାନେ ଯୋଗଦେଇ ନନ୍ଦିନୀ ଦେବୀଙ୍କ ଜୀବନୀ ସମ୍ପର୍କରେ କହିଥିଲେ। ନନ୍ଦିନୀ ଦେବୀ ମୁଖ୍ୟମନ୍ତ୍ରୀ ଥିବା ସମୟରେ ରାଜ୍ୟରେ ପ୍ରଥମେ ଭୂସଂସ୍କାର ଆଇନ ଆଣିଥିଲେ। ଏହି ଆଇନ ବଳରେ ଅନେକ ଗରିବ ଲୋକ ଏବଂ ଭୂମିହୀନ ଉପକୃତ ହୋଇଥିଲେ। ତାଙ୍କରି ଶାସନ ସମୟରେ ବେସରକାରୀ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଶିକ୍ଷକମାନଙ୍କୁ ପ୍ରତ୍ୟକ୍ଷ ଦରମା ଦେବା ବ୍ୟବସ୍ଥା ହୋଇଥିଲା। ବାର୍ଦ୍ଧକ୍ୟ ଭତ୍ତା, କଳାକାର ଭତ୍ତା, ଯୌତୁକ ନିରୋଧ ଆଇନ ମଧ୍ୟ ନନ୍ଦିନୀ ଦେବୀ ଆଣି ଏକ ଯୁଗାନ୍ତକାରୀ ପଦକ୍ଷେପ ନେଇଥିଲେ। ଭଞ୍ଜନଗର ଡହ ଜଳଭଣ୍ଡାର ଶିଳାନ୍ୟାସ ଉତ୍ସବକୁ ନନ୍ଦିନୀ ଦେବୀ ଆସିଥିବା ସମୟରେ ତାଙ୍କରି ନାମରେ ସେଠାରେ ନନ୍ଦିନିପଲ୍ଲୀ ଗ୍ରାମ ସ୍ଥାପନ ହୋଇଥିଲା ବୋଲି ବକ୍ତାମାନେ ମତ ବ୍ୟକ୍ତ କରିଥିଲେ। ସଭାପତି ପ୍ରଧାପକ କୃତିବାସ ବିଶାଳ ଉତ୍ସବରେ ସଭାପତିତ୍ୱ କରିଥିଲେ। ଭଞ୍ଜନଗର ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ବିନୋଦ ଆଚାର୍ଯ୍ୟ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଅନୁପମ ବାନାର୍ଜୀ, ବରିଷ୍ଠ ସାମାଜିକ କର୍ମୀ ଶୂଳପାଣି ଶତପଥି, ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ରାଜ୍ୟ ମୁଖ୍ୟ ଉପଦେଷ୍ଟା ଜଗବନ୍ଧୁ ଜେନା, ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଗଞ୍ଜାମ ଜିଲା ସଭାପତି ସନ୍ତୋଷ ଜେନା, ଅବସରପ୍ରାପ୍ତ ସେନା ଅଧିକାରୀ ଆର୍ ଏନ ଜେନା, ଲେଖକ ଅଶୋକ ସାହୁ, ଛାତ୍ର ସୌରଭ ଭୂୟାଁ, ଯୁବରାଜ ସାହୁ, ନିହାର ରଞ୍ଜନ ରାଉତ ପ୍ରମୁଖ ଯୋଗ ଦେଇ ନିଜ ବକ୍ତବ୍ୟ ରଖିଥିଲେ। ସମ୍ପାଦକ ବାବୁଲା ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଚାରାରୋପଣ ଉତ୍ସବ ହୋଇଥିଲା। ଏଥିସହ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ଏନସିସି କ୍ୟାଡେଟ, ଗଣ ଯୋଗାଯୋଗ ବିଭାଗ ଛାତ୍ରୀଛାତ୍ର ସମେତ ସୋମନାଥ ସରକାରୀ ଅଭ୍ୟାସ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ଶିକ୍ଷକ ବାସୁଦେବ ମିଶ୍ର, ପ୍ରବୀଣ କୁମାର ଖାଡେଙ୍ଗା, ନିଳ ମାଧବ ସ୍ୱାଇଁ, ଛାତ୍ରୀ ସ୍ମୃତି ଲେଖା ନାୟକ, କିନୁ ପାଳ, ରୋଜି ବିଷୋୟୀ, ଛାତ୍ର ରଞ୍ଜନ ନାୟକ, ଅମିତ ଗୌଡ ପ୍ରମୁଖ ସହଯୋଗ କରିଥିଲେ।

## ରକ୍ତଦାନ ଶିବିର ଲାଗି ପ୍ରେସ କ୍ଲବର ପ୍ରସ୍ତୁତି

ଛତ୍ରପୁର ୯।୬(ସନ୍ତୋଷ ପାଢ଼ୀ/ ଦିଲୀପ ସାମଲ)

ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ବ୍ରହ୍ମପୁର ରକ୍ତ ଭଣ୍ଡାରରେ ରକ୍ତର ଘୋର ଅଭାବକୁ ଦୃଷ୍ଟିରେ ରଖି ଆସନ୍ତା ୨୩ ତାରିଖ ଦିନ ଛତ୍ରପୁର ପ୍ରେସ କ୍ଲବ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହେବ । ଏହି ଶିବିରକୁ ସଫଳ କରିବା ପାଇଁ ରବିବାର ଛତ୍ରପୁର ପ୍ରେସ କ୍ଲବ ପରିସରରେ ଏକ ପ୍ରସ୍ତୁତି ବୈଠକ ଛତ୍ରପୁର ପ୍ରେସ କ୍ଲବ ସଭାପତି ରବୀନ୍ଦ୍ର ନାଥ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଛତ୍ରପୁର ପ୍ରେସ କ୍ଲବର ସମ୍ପାଦକ ସରୋଜ କୁମାର ସାମଲ, ଉପସଭାପତି ସନ୍ତୋଷ କୁମାର ମିଶ୍ର, କୋଷାଧ୍ୟକ୍ଷ କେ. ସତ୍ୟ ନାରାୟଣ ରେଡ୍ଡୀ, ଉପଦେଷ୍ଟା ରବୀନ୍ଦ୍ର କୁମାର ପଣ୍ଡା, କ୍ଷୀରୋଦ ଚନ୍ଦ୍ର ସାହୁ ଓ ପ୍ରଶାନ୍ତ କୁମାର ମହାରଣା, ସନ୍ତୋଷ କୁମାର ପାଢ଼ୀ, ସୁଧୀର ନାହାକ, ବିସ୍ମୟ ପ୍ରଧାନ, ଅଜିତ ସ୍ୱାଇଁ, ରବୀନ୍ଦ୍ର ନାହାକ, ପ୍ରଦୀପ କୁମାର ସାହୁ, ସନ୍ତୋଷ ସାହୁ, ଗୌର ପ୍ରସାଦ ମହାପାତ୍ର, ସନ୍ତୋଷ କୁମାର ସାହୁ, ଭଗବାନ ରାଉଳ ଓ କିଶୋର ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗ ଦେଇ ବିଭିନ୍ନ ମତ ଦେଇଥିଲେ।

## ଜନ୍ତାଳ ଯାତ୍ରା ପାଇଁ ଖୋଲିଲା ମା' ବରାଳିନୀଙ୍କ ମନ୍ଦିର ଦ୍ୱାର



ଜି. ଉଦୟଗିରି, ୯।୬ (ଶିଶିର ପଟ୍ଟନାୟକ)

ଜି. ଉଦୟଗିରିର ଅଧିଷ୍ଠାତ୍ରୀ ଦେବୀ ମା' ବରାଳିନୀଙ୍କ ମନ୍ଦିରର ଦ୍ୱାର ବର୍ଷକୁ କେବଳ ୫ ଥର ଖୋଲା ଯାଉଥିବା ବେଳେ ଶନିବାର ଓ ରବିବାର ଜନ୍ତାଳଯାତ୍ରା ପାଇଁ ଖୋଲାଯାଇଛି। ଏଥିପାଇଁ ପରିଚାଳନା କମିଟି ତରଫରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ବେଳେ ମନ୍ଦିରକୁ ସୁସଜ୍ଜିତ କରାଯାଇଛି। ମନ୍ଦିରକୁ ଆଲୋକ ମାଳାରେ ସଜାଯାଇ ନୂତନ ପତକା ସ୍ଥାପନ କରାଯାଇଛି। ମା' ବରାଳିନୀଙ୍କ ଏହି ଯାତ୍ରା ବହୁ ପୁରାତନ ପରମ୍ପରା ହୋଇଥିବା ବେଳେ ଜନ୍ତାଳ ଯାତ୍ରା ପାଇଁ ଦୁଇ ଦିନ ଦ୍ୱାର ଖୋଲାରହେ। ଏହି ଦୁଇ ଦିନରେ ସ୍ୱତନ୍ତ୍ର ପୂଜା ହେବା ସହିତ ରୀତିନୀତି ପାଳନ କରାଯାଇଥାଏ। ଭକ୍ତମାନେ ଆଜିର ଦିନକୁ ଅପେକ୍ଷା କରି ରହିଥିବା ବେଳେ ଭକ୍ତଙ୍କ ଗହଳି ଦେଖିବାକୁ ମିଳିଥାଏ। ଏହି ଯାତ୍ରାକୁ ପରିଚାଳନା କରିବା ପାଇଁ ମନ୍ଦିର ଅଧିକାରୀ ଲାଲମୋହନ ପରିଛାଙ୍କ ସହିତ ପ୍ରମୋଦ ନାୟକ, ଶିବ ଦେଉରୀ, ଜୟ ନାୟକ, ଦୁଖି ସାହୁଙ୍କ ସମେତ ରଞ୍ଜିତ ନାୟକ ପ୍ରମୁଖ ଦାଇତ୍ୱରେ ରହିଛନ୍ତି। ଜନ୍ତାଳଯାତ୍ରାକୁ ଛାଡି ଗହ୍ମା ପୂର୍ଣ୍ଣିମା, ନୂଆଖିଆ, ପୌଷ ପୂର୍ଣ୍ଣିମା ଏବଂ ଦୋଳ ପୂର୍ଣ୍ଣିମାରେ ମା''ଙ୍କ ଦ୍ୱାର ଖୋଲାଯାଏ। ବର୍ଷକୁ ଏହି ପାଞ୍ଚ ଥରକୁ ବାଦ ଦେଲେ ମା'ଙ୍କ ମନ୍ଦିର ଭିତର ଦ୍ୱାର ସବୁବେଳେ ବନ୍ଦ ରହିଥାଏ। ଭକ୍ତମାନେ ବାହାରେ ଭୋଗରାଗ କରି ଯାଇଥାନ୍ତି।

## ଅଚ୍ୟୁତ ରାଜନୀତି ଛାଡ଼ିବା ପରେ କର୍ମୀ ହତୋତ୍ସାହିତ

ଭଞ୍ଜନଗର,୯।୬(ବାବୁଲା ପ୍ରଧାନ)

**ଅନିଶ୍ଚିତତା ଘେରରେ ଭଞ୍ଜନଗର କିମ୍ସ ହସ୍ପିଟାଲର ଭବିଷ୍ୟତ**

କନ୍ଧମାଳ ପୂର୍ବତନ ଏମପି ତଥା ବିଜେଡି ନେତା ଡ. ଅଚ୍ୟୁତ ସାମନ୍ତ ଚଳିତ ନିର୍ବାଚନରେ ପୁଣି କନ୍ଧମାଳ ଲୋକସଭାରୁ ନିର୍ବାଚନ ଲଢିଥିଲେ। ଏହି ନିର୍ବାଚନରେ ସେ କମ ଭୋଟରେ ପରାଜିତ ହୋଇଥିଲେ, ଯାହାକୁ ନେଇ ସେ ଏକ ପ୍ରକାର ଦ୍ୱନ୍ଦ୍ୱ ପରିସ୍ଥିତିରେ କିଛିଦିନ ହେବ ଥିଲେ। ଶନିବାର ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଆଉ ରାଜନୀତି ନ କରିବା ପାଇଁ ଇଚ୍ଛା ପ୍ରକଟ କରିଥିଲେ। ରବିବାର ସେ ଆନୁଷ୍ଠାନିକ ଭାବେ ରାଜନୀତିରୁ ସନ୍ନ୍ୟାସ ନେଇଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ଭଞ୍ଜନଗର ନିର୍ବାଚନ ମଣ୍ଡଳୀରେ ଥିବା ତାଙ୍କର ହଜାର ହଜାର ଶୁଭେଚ୍ଛୁ ଦୁଃଖ ପ୍ରକାଶ କରିବା ସହ ହତୋତ୍ସାହିତ ହୋଇପଡିଛନ୍ତି। ଅପରପକ୍ଷେ ଅଚ୍ୟୁତ ନିର୍ବାଚନ ପୂର୍ବରୁ ନିଜସ୍ୱ ପରିଚାଳିତ କିମ୍ସ ହସ୍ପିଟାଲ ପକ୍ଷରୁ ଭଞ୍ଜନଗରରେ ୧୦୦ କୋଟି ଟଙ୍କା ବ୍ୟୟରେ ଏକ ଅତ୍ୟାଧୁନିକ ହସ୍ପିଟାଲ କରିବା ପାଇଁ ଘୋଷଣା କରିଥିଲେ। ଏନେଇ ସେ ଭଞ୍ଜନଗର ଆଇଟିଆଇ ସମ୍ମୁଖରେ ଗତ ମାର୍ଚ୍ଚ ୧୧ ତାରିଖରେ ଶିଳାନ୍ୟାସ କରିଥିଲେ। ନିର୍ବାଚନ ପରେ ତାର କାମ ଆରମ୍ଭ ହୋଇ ଏକ ବର୍ଷ ମଧ୍ୟରେ କାମ ସାରିବା ଲକ୍ଷ୍ୟ ଥିଲା। ତେବେ ଅଚ୍ୟୁତ ପରାଜୟ ବରଣ କରିବା ପରେ ଉକ୍ତ ହସ୍ପିଟାଲର ଭବିଷ୍ୟତ ନେଇ ନାନା ସନ୍ଦେହ ପ୍ରକାଶ ପାଇଛି। କିନ୍ତୁ ଅଚ୍ୟୁତ ରାଜନୀତି ଛାଡ଼ିଲେ ମଧ୍ୟ ସମାଜ ସେବା ଜାରୀ ରଖିବେ ବୋଲି କହିଛନ୍ତି। ତେଣୁ ସେ ମେଡ଼ିକାଲ କାର୍ଯ୍ୟକ୍ଷମ ପ୍ରତି ଧ୍ୟାନ ଦେବେ ବୋଲି ଆଉ କିଛି ଲୋକ ଆଶା ରଖିଛନ୍ତି।

## ନିଆରା ଢଙ୍ଗରେ ଜନ୍ମୋତ୍ସବ ପାଳନ

ବେଲଗୁଣ୍ଠା,୯।୬(କୃଷ୍ଣଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ ବଡ଼ଦୋଡ଼ଙ୍ଗା ଗ୍ରାମର ସ୍ୱସ୍ତି ସୁନ୍ଦର ସିଅ ନିଆରା ଢ଼ଙ୍ଗରେ ନିଜ ନବଜାତକ କନ୍ୟାର ଜନ୍ମୋତ୍ସବ ପାଳନ କରିଛନ୍ତି। ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଶିଷ୍ଟ ବିଦ୍ୱାନ୍, ସାହିତ୍ୟିକ, ଶିକ୍ଷକ, ଛାତ୍ରୀଛାତ୍ର ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟକ୍ତିତ୍ୱ ପଣ୍ଡିତ ନିରଞ୍ଜନ ରଥ, ବିଶିଷ୍ଟ ଶିକ୍ଷାବିତ ଅଭିମନ୍ୟୁ ଦଳାଇ, କବିରାଜ ପରିଡ଼ା, ଅନ୍ତଃରାଷ୍ଟ୍ରୀୟ କୃଷ୍ଣ ଭାବନାମୃତ ସଂଘ ଶାଖା ପରିଚାଳକ ବିଶ୍ୱମ୍ଭର ଦାସ, ପରିବାର ସଦସ୍ୟ ନିତ୍ୟସୁନ୍ଦର, ମାମାଲି, ମା' ଲକ୍ଷ୍ମୀ, ଡ.ସୁଦାମ ସାହୁ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଶିଶିର କୁମାର ସ୍ୱାଇଁ, ଚିନ୍ମୟ ପୋଲାଇଙ୍କ ସମେତ


ଜନ୍ମୋତ୍ସବ କାର୍ଯ୍ୟକ୍ରମ।

ଅନ୍ୟ ବିଦ୍ୱାନମାନଙ୍କ ଉପସ୍ଥିତି କାର୍ଯ୍ୟକ୍ରମର ଶୋଭା ବଢାଇଥିଲା। ଏହି ଅବସରରେ ଲକ୍ଷ୍ମଣ ମହାକାବ୍ୟ ଭଳି ଅନ୍ତର୍ଜାତୀୟ ପୁସ୍ତକ ଅତିଥିଙ୍କୁ ବିତରଣ କରାଯାଇଥିଲା। ଏହା ସହିତ ଗ୍ରାମରେ ହରିକଥା, କୀର୍ତ୍ତନ ଏବଂ ପ୍ରସାଦ ବିତରଣ ହୋଇଥିଲା ।

## ବିଜେଡିର ନିର୍ବାଚନୀ ସମୀକ୍ଷା ବୈଠକ

ଆସିକା,୯।୬(ସୁରେନ୍ଦ୍ର ନାଥ ସାହୁ)

ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ଭେଟନଇ ନିକଟସ୍ଥ କଙ୍କଣଦେବୀ ପୀଠରେ ରବିବାର ନିର୍ବାଚନୀ ସମୀକ୍ଷା ବୈଠକ ହୋଇଥିଲା। ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ବୈଠକରେ ନିର୍ବାଚନରେ ଆସିକା ବିଧାନସଭା କ୍ଷେତ୍ରରେ ଦଳର ବିପର୍ଯ୍ୟୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ସୁରତ ପ୍ରଧାନ, ଗଞ୍ଜାମ ଜିଲା ବିଜେଡି ଉପସଭାପତି ଦିଲୀପ ପାଣିଗ୍ରାହୀ, ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ହରେକୃଷ୍ଣ ମଳିକ, ଦକ୍ଷିଣ ଓଡିଶା ସରପଞ୍ଚ ସଂଘ ସଭାପତି


ବୈଠକରେ ଉପସ୍ଥିତ ନେତାମାନେ।

ଭବାନୀ ଶଙ୍କର ମଳିକ, ବରିଷ୍ଠ ବିଜେଡି ନେତା ଭଗବାନ ସାହୁ, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଶିବ ନାହାକ, ବ୍ଲକ ସଭାପତି ରାଜେଶ ପଟ୍ଟନାୟକ, ଜିଲା ପରିଷଦ ସଭ୍ୟ ମନୋଜ ଦୋରା, ଜିଲା ପରିଷଦ ସଦସ୍ୟାଙ୍କ ପ୍ରତିନିଧି ବିଜୟ ନାହାକ, ଅନିଲ କୁମାର ନାୟକ, ସମିତିସଭ୍ୟ ଅଶ୍ୱିନୀ ସ୍ୱାଇଁ, ଆସିକା ଏନଏସି ଉପାଧ୍ୟକ୍ଷା ଜୟନ୍ତୀ ବିଷୋୟୀ, ବ୍ଲକ ଉପାଧ୍ୟକ୍ଷା ରେସମା ଦୋରା, ସରପଞ୍ଚ ବିଦ୍ୟାନ୍ତ ଚର୍ଚ୍ଚି, ଜୟନ୍ତୀ ବେହେରା, ନିମିତା ଜେନା, ଜୟସେନ ସ୍ୱାଇଁ, ଦେବରାଜ ବେହେରାଙ୍କ ସମେତ ବିଭିନ୍ନ ପଞ୍ଚାୟତର ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ମିଶନ ଶକ୍ତି କାଫେରେ ତାଲା ଝୁଲୁଛି

ରାଇକିଆ,୯।୬ (ପ୍ରଦୀପ ବେହେରା)

ଜନ ସାଧାରଣଙ୍କ ସୁବିଧା ପାଇଁ ସରକାରୀ ଅର୍ଥ ବ୍ୟୟରେ ମିଶନ ଶକ୍ତି କାଫେ ଆରମ୍ଭ ହୋଇଥିଲା। ଏବେ ଏହି ମିଶନ ଶକ୍ତି କାଫେରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି। ରାଇକିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ଗତ ସେପ୍ଟେମ୍ବର ମାସରେ ଆଡ଼ମ୍ବର ସହକାରେ ଏହି ମିଶନ ଶକ୍ତି କାଫେକୁ ଉଦଘାଟନ କରାଯାଇଥିଲା। ବ୍ୟୟ ବହୁଳ ଭାବେ ନିର୍ମିତ ଏହି କାଫେରେ ଆଧୁନିକ ରେଷ୍ଟୁରାଣ୍ଟ ଭଳି ସମସ୍ତ ସୁବିଧା କରାଯାଇଥିଲା। ଟିଫିନଠାରୁ ଆରମ୍ଭ କରି ଚା, କଫି, ଭୋଜନ ବ୍ୟବସ୍ଥା ମଧ୍ୟ




ସୁଲଭ ଦରରେ ମିଳୁଥିଲା। ରାଇକିଆ ବ୍ଲକ ମିଶନ ଶକ୍ତି ତରଫରୁ ବ୍ଲକ ଲେଭଲ ଫେଡେରେସନ ମାଧ୍ୟମରେ ଏହାକୁ ପରିଚାଳିତ କରାଯାଉଥିଲା। ଗତ କିଛି ଦିନ ହେଲା ଏଠାରେ ତାଲା ଝୁଲୁଛି। କେଉଁ କାରଣରୁ ଏହାକୁ ବନ୍ଦ କରାଯାଇଛି ସେ ନେଇ କିଛି ନିର୍ଦ୍ଦିଷ୍ଟ ଉତ୍ତର ମିଳୁନି। ମିଶନ ଶକ୍ତିର ବ୍ଲକ ପ୍ରୋଜେକ୍ଟ କୋଅର୍ଡିନେଟର ଦାୟିତ୍ୱରେ ଥିବା ଆଲୋକ ନାୟକ କହିଛନ୍ତି, କୌଣସି ଏକ କାରଣ ପାଇଁ ପରିଚାଳନା କରୁଥିବା ଗ୍ରୁପ ସଦସ୍ୟମାନେ ଏହାକୁ ବନ୍ଦ ରଖିଛନ୍ତି। ସେମାନଙ୍କ ସହ ଆଲୋଚନା କରାଯାଇଛି। ଖୁବଶୀଘ୍ର ଏହାକୁ ଖୋଲାଯିବ।

## ସଂକ୍ଷେପରେ

### ବିଦ୍ୟୁତ ସଂସ୍ପର୍ଶରେ ଯୁବକଙ୍କ ମୃତ୍ୟୁ

ବ୍ରହ୍ମପୁର,୯।୬(ସୁବାସ ଚନ୍ଦ୍ର ପାଢ଼ୀ)

ବଡବଜାର ଥାନା ଅନ୍ତର୍ଗତ ଓମ୍‌ନଗର ନିକଟରେ ଥିବା ଏକ ନିର୍ମାଣାଧୀନ ଘରେ ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଲିପଡାର ପବିତ୍ର ବିଷୋୟୀ(୨୫)। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ପବିତ୍ର ଉକ୍ତ ନିର୍ମାଣାଧୀନ ଘରେ କାର୍ଯ୍ୟ କରୁଥିଲେ। ପାଣି ପାଇଁ ମୋଟର ଲଗାଇବାକୁ ଯାଇଥିବା ବେଳେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସ ଗୁରୁତର ହୋଇଥିଲେ। ତାଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲ ନିଆଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ।

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ୪ ଗିରଫ

ବ୍ରହ୍ମପୁର,୯।୬ (ସୁବାସ ଚନ୍ଦ୍ର ପାଢ଼ୀ)

ରାମହରି ନଗରରେ ଜଣେ ଯୁବକଙ୍କୁ ଶନିବାର ରାତିରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ବୈଦ୍ୟନାଥପୁର ଥାନା ପୋଲିସ ଏଥିରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନେ ହେଲେ ଗେଟ ବଜାର ଓଆରଟି କଲୋନୀର ଉମେଶ ସାହୁ ଓରଫ ଖଣ୍ଡି, ଆଲୋକ ମହାନ୍ତି ଓରଫ କାହ୍ନା, ଧୋବା ସାହିର ଏମ. ପ୍ରେମ ଓ ଗେଟ ବଜାରର ବାପୁନୀ ସାହୁ। ରବିବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗେଟ ବଜାର ବୃନ୍ଦାବତୀ ନଗର ନିବାସୀ ବେଦ ପ୍ରକାଶ ବେହେରା ଶନିବାର ସନ୍ଧ୍ୟାରେ କ୍ଷୀର ପଇସା ସଂଗ୍ରହ କରିବାକୁ ଯାଇଥିଲେ। ସେଠାରେ ତାଙ୍କୁ ୪ ଅଭିଯୁକ୍ତ ଅଟକାଇ ଗାଳି ଗୁଲଜ କରିଥିଲେ। ପ୍ରତିବାଦ କରିବାରୁ ଦୁର୍ବୃତ୍ତମାନେ ତାଙ୍କୁ ଖଣ୍ଡାରେ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ଗୁରୁତର ବେଦ ପ୍ରକାଶଙ୍କ ଭଉଣୀ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜରୁ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା ବୋଲି କହିଛି।

### କର୍ପୋରେଟରଙ୍କ ସ୍ୱାମୀଙ୍କୁ ଆକ୍ରମଣ ଅଭିଯୋଗ

ବ୍ରହ୍ମପୁର,୯।୬(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ମହାନଗର ନିଗମର ୧୦ନଂ. ୱାର୍ଡ କର୍ପୋରେଟରଙ୍କ ସ୍ୱାମୀ ମନୋଜ ସାହୁଙ୍କୁ ମାଡ ମରାଯାଇଥିବା ବଡବଜାର ଥାନାରେ ଅଭିଯୋଗ ହୋଇଛି। ସେହି ଅଞ୍ଚଳର ଏକ ରାଜନୈତିକ ଦଳର ଜଣେ କର୍ମୀ ତାଙ୍କୁ ମାଡ ମାରିବା ସହ ଗାଳିଗୁଲଜ କରିଛନ୍ତି। ସେହିପରି କରପୋର୍ଟେରଙ୍କ ବିରୋଧରେ ସଂପୃକ୍ତ ନେତା ଓ ଅଞ୍ଚଳର କେତେଜଣ ଲୋକ ମଧ୍ୟ ପାଲଟା ଅଭିଯୋଗ କରିଛନ୍ତି। କର୍ପୋରେଟରଙ୍କ ସ୍ୱାମୀ ମନୋଜ ରବିବାର ସକାଳେ ସାହିର ସଫେଇ କାର୍ଯ୍ୟ ସମୀକ୍ଷା କରିବାକୁ ବାହାରୁଥିଲେ। ସେ ସମୟରେ ଉକ୍ତ କର୍ମୀ ମନୋଜଙ୍କ ଘର ନିକଟରେ ପହଞ୍ଚି ଅଞ୍ଚଳର କେତେକ ସମସ୍ୟାକୁ ନେଇ ଯୁକ୍ତିତର୍କ କରିଥିଲେ। ଯାହାକୁ ନେଇ ସେଠାରେ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ମନୋଜଙ୍କୁ ଉକ୍ତ କର୍ମୀ ଜଣଙ୍କ ଗାଳିଗୁଲଜ କରିବା ସହ ତାଙ୍କୁ ମାଡ ମାରିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି । ଘଟଣାର ତଦନ୍ତ ଜାରି ରହିଥିବା ପୋଲିସ କହିଛି ।

# ନିଶା କାରବାରର ପେଣ୍ଠସ୍ଥଳ ବ୍ରହ୍ମପୁର

ବ୍ରହ୍ମପୁର,୯।୬(ସୁବାସ ଚନ୍ଦ୍ର ପାଢ଼ୀ)

## ନକଲି ଗୁଟ୍‌ଖା ଓ ମଦ କାରବାରର ଅନ୍ତ ହେଉନି



ବ୍ରହ୍ମପୁର ସହର ନିଶା କାରବାରର ପେଣ୍ଠସ୍ଥଳ ପାଲଟିଛି। ଏଠାରେ ଗଞ୍ଜେଇଠାରୁ ଆରମ୍ଭ କରି ବ୍ରାଉନସୁଗାର, ନକଲି ମଦ, ଗୁଟ୍‌ଖା ଆଦି କାରବାର ବଢ଼ିବାରେ ଲାଗିଛି। ନିୟମିତ ବ୍ୟବଧାନରେ ପୋଲିସ ଓ ଅବକାରୀ ବିଭାଗ ଧରପଗଡ଼ କରୁଥିଲେ ବି ଏହାକୁ ରୋକାଯାଇ ପାରୁନାହିଁ। ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରି ବିଭିନ୍ନ ଦଫାରେ କୋର୍ଟଚାଲାଣ କରୁଛି। କିନ୍ତୁ ଦିନ କେଇଟା ପରେ ସେମାନେ ଜାମିନରେ ଆସି ପୁଣି ପୂର୍ବ ବ୍ୟବସାୟ ଚାଲୁ ରଖୁଛନ୍ତି। ଫରକ ଏତିକି ରହୁଛି ପୂର୍ବରୁ ଯେଉଁ ସ୍ଥାନରେ ସେମାନଙ୍କ କାରବାର ଚାଲୁଥିଲା ତାକୁ ପରିବର୍ତ୍ତନ କରି ନୂଆ ଠିକଣାରେ ଚୋରା କାରବାର ଚଳାଉଛନ୍ତି। କିଏ ଘରଭଡା ନେଇ ଗଞ୍ଜେଇ ହବ କରି ରାଜ୍ୟ ବାହାରକୁ ପଠାଉଛି ତ ପୁଣି କିଏ ଭଡା ଘରେ ନକଲି ମଦ କାରଖାନା କରି ଏଠାରୁ ଜିଲାର ବିଭିନ୍ନ ଅଞ୍ଚଳକୁ ଚାଲାଣ କରୁଛି। ଧରାପଡିଲେ ସେମାନଙ୍କ ପ୍ରସ୍ତୁତ ସାମଗ୍ରୀ ବ୍ରହ୍ମପୁର ସହରରେ ନୁହେଁ, ଗ୍ରାମାଞ୍ଚଳକୁ ପଠାଉଥିବା ପୋଲିସ ଆଗରେ ସ୍ୱୀକାର କରୁଛନ୍ତି।

ବ୍ରହ୍ମପୁରରେ ଯେ ନକଲି ମଦ ବିକ୍ରି ହେଉନାହିଁ ଏହାର ଶତ ପ୍ରତିଶତ ଗ୍ୟାରେଣ୍ଟି କିଏ ଦେଇପାରୁନାହାନ୍ତି। ଏଭଳି ନିଶା କାରବାର ପଛରେ ଏକ ବଡ ଧରଣର ଗ୍ୟାଙ୍ଗ କାମ କରୁଛି। ବେପାରରେ ଓଲଟପାଲଟ ହେଲେ କଥା ପୋଲିସ କିମ୍ବା ଅବକାରୀ କାନକୁ ଯାଉଛି। ବ୍ରହ୍ମପୁର ସହରରେ ଗୁଟ୍‌ଖା ବ୍ୟବସାୟରେ ଏକ ବଡ ଧରଣର ର୍‌ୟାକେଟ କାମ କରୁଛି। କୋଟି କୋଟି ଟଙ୍କାର ଏହି ବେଆଇନ କାରବାର ହେଉଥିବାବେଳେ ପୋଲିସ ଏହାର ଥଳକୁଳ ପାଉନି। ବହୁ ବଡବଡ଼ିଆଙ୍କ ହାତ ରହୁଥିବାରୁ ପୋଲିସର ଆଭିମୁଖ୍ୟ ବି ଭିନ୍ନ ଭିନ୍ନ ମାମଲାରେ ବଦଳି ଯାଉଛି। ବିଗତ ଦିନରେ ତତ୍କାଳୀନ ବ୍ରହ୍ମପୁର ଏସପି ଡା.ସର୍ବଣା ବିବେକ ଏମ୍‌ଙ୍କ ନେତୃତ୍ୱରେ ବେଆଇନ ଗୁଟ୍‌ଖା କାରଖାନା ଉପରେ ଚଢ଼ାଉ କରାଯାଇଥିଲା। ଅଭିଯୁକ୍ତଙ୍କୁ ଗିରଫ କରି ତାଙ୍କ ବ୍ୟାଙ୍କ ଟ୍ରାଞ୍ଜାକସନକୁ ଅଚଳ କରି ଦିଆଯାଇଥିଲା। କିନ୍ତୁ ଅନେକ ମାମଲାର ମୁଖ୍ୟ ଅଭିଯୁକ୍ତଙ୍କ ନିକଟରେ ପୋଲିସ ପହଞ୍ଚି ପାରି ନ ଥିବାବେଳେ ତାଙ୍କ ବ୍ୟାଙ୍କ ଟ୍ରାଞ୍ଜାକସନ ଅଚଳ କରିବା କ୍ଷେତ୍ରରେ ନରମ ଆଭିମୁଖ୍ୟ ଦେଖାଇଥିବା ଅଭିଯୋଗ ହୋଇଥିଲା। କେବଳ ଗୁଟ୍‌ଖା ନୁହେଁ ନକଲି ମଦ କାରବାରରେ ବ୍ରହ୍ମପୁର ସହର କୁଖ୍ୟାତି ଅର୍ଜନ କରିଛି। ବିଗତ ଦିନରେ ବଡବଜାର ଥାନାର ତତ୍କାଳୀନ ଇନ୍ସପେକ୍ଟର ପ୍ରଶାନ୍ତ ଭୂପତିଙ୍କ ନେତୃତ୍ୱରେ ଏକ ପାଉଁରୁଟି ଫ୍ୟାକ୍ଟ୍ରିରେ ଚଢ଼ାଉ ବେଳେ ସେଠାରେ ନକଲି ମଦ କାରବାର ଚାଲିଥିବା ଜଣାପଡିଥିଲା। ପୋଲିସ ନକଲି ମଦ ସାମଗ୍ରୀ ଜବତ କରିବା ସହ ଦୁଇ ଭାଇଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଥିଲା। ସେମାନଙ୍କ ନାମରେ ପୂର୍ବରୁ ବି ଏଭଳି ମାମଲା ରହିଥିବା ଥାନାଧିକାରୀଙ୍କ ପକ୍ଷରୁ କୁହାଯାଇଥିଲା। ସେହିପରି ଖଲ୍ଲିକୋଟ କଲେଜ ପଡିଆରେ ବ୍ରାଉନସୁଗାର କାରବାର ହେଉଥିବାବେଳେ ପୋଲିସ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏଭଳି ବେଆଇନ ଓ ନକଲି କାରବାରରେ ଯୁବବର୍ଗଙ୍କ ସମ୍ପୃକ୍ତି ଏବେ ଚିନ୍ତାଜନକ ହୋଇପଡ଼ିଛି। ରାତାରାତି କୋଟିପତି ହେବା ନିଶାରେ ଯୁବବର୍ଗ ଏଭଳି କାରବାରରେ ସମ୍ପୃକ୍ତ ରହୁଛନ୍ତି। ଏ ନେଇ ଜଣେ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ନକଲି ମଦ ହେଉ ବା ଗୁଟ୍‌ଖା କାରବାର ଦଫା ୨୭୨, ୨୭୩, ୪୨୦ ସମେତ ସ୍ପିରିଏସ ଲିକର ଆକ୍ଟ, ଅବକାରୀ ଆକ୍ଟରେ ମାମଲା ରୁଜୁ କରାଯାଉଛି। ନକଲି ଗୁଟ୍‌ଖା ମାମଲାରେ କୋଟପା ଆକ୍ଟ ଲାଗୁଛି। ଅଭିଯୁକ୍ତ ଜାମିନରେ ଆସିବା ପରେ ସେହି କାରବାରରେ ଲିପ୍ତ ରହୁଛନ୍ତି। ତେବେ କେତେକ ମାମଲାରେ ପୋଲିସ କୋର୍ଟରେ ଚାର୍ଜଶିଟ ଦେବା ପୂର୍ବରୁ ଅଭିଯୁକ୍ତଙ୍କୁ ଜାମିନ ମିଳିଯାଉଥିବା ଦେଖାଯାଉଛି ବୋଲି ସେ କହିଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

bmpselfie@gmail.com



@ ଦିବ୍ୟ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବିବେକାନନ୍ଦ ସେବା ସଂଘ ପକ୍ଷରୁ ରକ୍ତଦାନ ଶିବିର

ବ୍ରହ୍ମପୁର,୯।୬(ଅଶୋକ କୁମାର ସାହୁ)



ସଂଘ ସଦସ୍ୟଙ୍କ ଉପସ୍ଥିତିରେ ରକ୍ତ ସଂଗ୍ରହ କରାଯାଉଛି।

କୁକୁଡାଖଣ୍ଡି ବ୍ଲକ ଆଙ୍କୁଶପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ସେବା ସଂଘ ପକ୍ଷରୁ କବିରାଜ ଅନନ୍ତ ତ୍ରିପାଠୀ ଶର୍ମା ଆୟୁର୍ବେଦିକ ମହାବିଦ୍ୟାଳୟ ସହଯୋଗରେ କଲେଜ ପରିସରରେ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ମୋଟ ୪୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଶିବିରକୁ ସଦର ଥାନା ଅଧିକାରୀ ରାମ ସୁବ୍ରମଣ୍ୟମ ପ୍ରଧାନ ଉଦଘାଟନ କରିଥିଲେ। ବରିଷ୍ଠ ଆୟୁର୍ବେଦ ବିଶେଷଜ୍ଞ ଡା. ବିମଳ କୁମାର ପଣ୍ଡା ଓ ପ୍ରଫେସର ଚିନ୍ମୟ ଭବାନୀ ପ୍ରସାଦ ମୁଖ୍ୟ ଅତିଥି ଥିଲେ। ସମ୍ମାନନୀୟ ଅତିଥି ଭାବେ ଡା. ସ୍ୱପ୍ନ ସ୍ୱୟଂପ୍ରଭା, ଡା. ସୁବ୍ରତ କୁମାର ଓଝା, ଡା. ଅଂଶୁମାନ ବିଶ୍ୱାଳ ଉପସ୍ଥିତ ଥିଲେ। ସମ୍ବର୍ଦ୍ଧିତ ପ୍ରତିଭା ବିଶିଷ୍ଟ ପ୍ରକୃତିପ୍ରେମୀ ବନମାଳୀ ପ୍ରଧାନ, ରାମେଶ୍ୱରୀ ନନ୍ଦ, ନାରାୟଣ ମହାକୁଡ଼ ଯୋଗ ଦେଇଥିଲେ। ରକ୍ତ ସଂଗ୍ରହ ପାଇଁ ବ୍ରହ୍ମପୁର ରକ୍ତ ଭଣ୍ଡାରର ସ୍ୱତନ୍ତ୍ର ଟିମ ସହଯୋଗ କରିଥିଲେ। ସଂଘ ସଭାପତି ଅନିଲ କୁମାର ଚୌଧୁରୀ, ସମ୍ପାଦକ ସନ୍ୟାସୀ ମହାରଣା, କୋଷାଧ୍ୟକ୍ଷ ଟି. ମୁକୁନ୍ଦ ଦୋରା, ପି. ପୁରୁଷୋତ୍ତମ, ବସନ୍ତ କୁମାର ସାହୁ, ମନୋଜ କୁମାର ପଣ୍ଡା, ନାରାୟଣ ରାଉଳ, ସୁଶାନ୍ତ କୁମାର ସାହୁ, ସଞ୍ଜୟ କୁମାର ସାହୁ, ସୁଶାନ୍ତ କୁମାର ଗୌଡ଼, ଅଙ୍କିତ ମହାରଣା, ଅସିତ ସାହୁ, ନିର୍ଜରା ମହାରଣା, ଶ୍ୟାମ ସୁନ୍ଦର ରାଓ, ଜି. ଶ୍ରୀନିବାସ ରାଓ, ମିଟୁ ସାହୁ, ବି. ଶ୍ରୀନିବାସ ରାଓ, ଦୁର୍ଯ୍ୟୋଧନ ସେଠି, ସୁକାନ୍ତ କୁମାର ସାହୁ, ସନ୍ତୋଷ ବେହେରା, ନିର୍ମାଲ୍ୟ ଗୌଡ଼, ନିରଞ୍ଜନ ସାହୁଙ୍କ ସମେତ ସଂଘର ସଦସ୍ୟ ଓ ଅଞ୍ଚଳବାସୀ ସହଯୋଗ କରିଥିଲେ।

## ଗୋଲାମୁଣ୍ଡୁଳାରେ ଅଷ୍ଟପ୍ରହର ନାମଯଜ୍ଞ

ବୁଗୁଡା,୯।୬(କାଳିଚରଣ ଦାଶ)

ବୁଗୁଡା ଏନ୍‌ଏସି ଅନ୍ତର୍ଗତ ଗୋଲାମୁଣ୍ଡୁଳା ଗ୍ରାମରେ ସେଠାକାର ଲୋକନାଥେଶ୍ୱର ମନ୍ଦିର ପ୍ରତିଷ୍ଠାର ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଅଷ୍ଟ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ନାମଯଜ୍ଞରେ ଲଛିପୁର, ବାଦୁଆ, ଦଦରାଖୋଲ ଓ ଗୋଲାମୁଣ୍ଡୁଳା ଆଦି ଗ୍ରାମର ନାମ ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଆୟୋଜିତ ହୋମଯଜ୍ଞରେ କର୍ତ୍ତା ଭାବେ ସଞ୍ଜୟ କୁମାର ବିଷୋୟୀ ଓ ନିବେଦିତା ବିଷୋୟୀ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ନାମଯଜ୍ଞରେ ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାବେଶ ଘଟିଥିଲା। ଗୋଲାମୁଣ୍ଡୁଳା ଗ୍ରାମବାସୀଙ୍କ ସକ୍ରିୟ ସହଯୋଗରେ ଆୟୋଜିତ ନାମଯଜ୍ଞ ଓ ଅନ୍ନଯଜ୍ଞ କାର୍ଯ୍ୟକ୍ରମ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ହୋଇଥିଲା।

## ଗୋପାଳପୁର ବିକାଶ ପାଇଁ ନୂଆ ବିଧାୟକଙ୍କୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦିଆଯାଉ

ବ୍ରହ୍ମପୁର,୯।୬(ସ୍ମୃତି ରଞ୍ଜନ ମହାଲିକ)

ଗୋପାଳପୁରର ନବ ନିର୍ବାଚିତ ଭାଜପା ବିଧାୟକ ବିଭୂତି ଭୂଷଣ ଜେନାଙ୍କୁ ମନ୍ତ୍ରୀ ମଣ୍ଡଳରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦେବା ପାଇଁ ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ. ପି. ନଡ୍ଡା, ଗୃହମନ୍ତ୍ରୀ ଅମିତ ଶାହା, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ପତ୍ର ମାଧ୍ୟମରେ ଅନୁରୋଧ କରାଯାଇଛି। ସେଥିରେ ଉଲ୍ଲେଖ ରହିଛି ଯେ, ନେତୃତ୍ୱ ଅଭାବରୁ ଉକ୍ତ ନିର୍ବାଚନ ମଣ୍ଡଳୀର ସାମଗ୍ରୀକ ବିକାଶ ହୋଇପାରି ନାହିଁ। ପର୍ଯ୍ୟଟନ ସ୍ଥଳ ଗୋପାଳପୁର ତଥା ଏହି ନିର୍ବାଚନ ମଣ୍ଡଳୀରେ ଶିକ୍ଷା, ସ୍ୱାସ୍ଥ୍ୟ, ପର୍ଯ୍ୟଟନ, ରୋଜଗାର ଓ ଭିତ୍ତିଭୂମି କ୍ଷେତ୍ରରେ ପ୍ରଚୁର ସମ୍ଭାବନା ରହିଛି। ଗୋପାଳପୁର ବନ୍ଦର ସବୁଦିନିଆ ବନ୍ଦର ରୂପେ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଫଳରେ ବନ୍ଦର ଭିତ୍ତିକ ଶିଳ୍ପ ଓ ବାଣିଜ୍ୟର ଅଭିବୃଦ୍ଧି ସମ୍ଭବ ହୋଇପାରୁନାହିଁ। ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପକୁ ସବୁଦିନିଆ ଅନ୍ତର୍ଜାତୀୟ ବିମାନ ବନ୍ଦର କରାଯିବା ଆବଶ୍ୟକତା ରହିଛି। କିଆଫୁଲ, ମାଛ ଚାଷୀ ସମସ୍ୟାରେ ପଡିଛନ୍ତି। ଏଠାକାର ଭିତ୍ତିଭୂମି ସହ ଜଡିତ ବୃହତ୍ତ ପ୍ରକଳ୍ପଗୁଡିକର ଉପଯୁକ୍ତ ଯୋଜନା ଆଧାରରେ ବିକାଶ କରାଗଲେ ଏହା ଶିଳ୍ପାଞ୍ଚଳ ରୂପେ ଗଢି ଉଠି ଅନେକ ରୋଜଗାର ଯୋଗାଇବ। ତେଣୁ ସ୍ଥାନୀୟ ବିଧାୟକ ଜେନାଙ୍କୁ ମନ୍ତ୍ରୀମଣ୍ଡଳରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦିଆଗଲେ ବିକାଶ ସମ୍ଭବ ବୋଲି କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ କହିଛନ୍ତି।

## ୩୫ ୟୁନିଟ ରକ୍ତ ସଂଗୃହୀତ



ଶିବିରରେ ଉପସ୍ଥିତ ରକ୍ତଦାତା ଓ ଅନ୍ୟମାନେ।

ବ୍ରହ୍ମପୁର,୯।୬(ସ୍ମୃତି ରଞ୍ଜନ ମହାଲିକ)

ସିଦ୍ଧାର୍ଥନଗର ସ୍ଥିତ ଏକ କଲ୍ୟାଣ ମଣ୍ଡପରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୩୫ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ମୁଖ୍ୟଅତିଥି ରୂପେ ଭାରତୀୟ ସେନାର ଯବାନ ଗୋଲକ ନେପାକ ଯୋଗ ଦେଇ ପ୍ରଥମେ ରକ୍ତଦାନ କରିଥିଲେ। କୌଣସି ରୋଗୀଙ୍କୁ ଯେଭଳି ରକ୍ତର ଅଭାବ ନ ରହୁ ସେ ନେଇ ଏହି ଶିବିର ହୋଇଥିବା ଆୟୋଜକ ସୁବ୍ରତ କୁମାର ପୂଜାରୀ କହିଛନ୍ତି। ସୁଧାକର ବେହେରା, ଟୁକୁନା ଦାଶ, ରାମକୃଷ୍ଣ ଦାଶ, ଏଲ. ସଞ୍ଜୟ କୁମାର ଆଚାରୀ ଓ ଶ୍ରୀକାନ୍ତ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ବ୍ରହ୍ମପୁର ଏମକେସିଜି ରକ୍ତ ଭଣ୍ଡାରର ଡା ରଶ୍ମି ପାଣିଗ୍ରାହୀ ଓ ହରିକୃଷ୍ଣ ସାହୁ ସହଯୋଗ କରିଥିଲେ।

# ପରାଜୟର କାରଣ ଖୋଜୁଛନ୍ତି ବିଜେଡି ପ୍ରାର୍ଥୀ

ବ୍ରହ୍ମପୁର,୯।୬(ନରସିଂହ ସାହୁ)

## ବ୍ରହ୍ମପୁର ବିଧାନସଭା କ୍ଷେତ୍ର

ବ୍ରହ୍ମପୁର ବିଧାନସଭା କ୍ଷେତ୍ରରେ ପରାଜୟର କାରଣ ଖୋଜୁଛନ୍ତି ବିଜେଡିର ପ୍ରାର୍ଥୀ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ। ମହିଳା କର୍ମୀଙ୍କ ଦ୍ୱାରା ବିଭିନ୍ନ ୱାର୍ଡରେ ଘରକୁ ଘର ଯାଇ ମତଦାନ ସମ୍ପର୍କରେ ତଥ୍ୟ ସଂଗ୍ରହ କରୁଛନ୍ତି। ଦଳର କେତେଜଣ ବ୍ୟକ୍ତି ତାଙ୍କୁ ହରାଇବା ପାଇଁ ଅର୍ନ୍ତଘାତି କାର୍ଯ୍ୟ କରିଛନ୍ତି ବୋଲି ସେ ସୁରାକ୍ ପାଇଥିବା ଧରିତ୍ରୀ ସହ ଆଲୋଚନା ପ୍ରସଙ୍ଗରେ ସୂଚାଇଛନ୍ତି। ନିର୍ବାଚନ ମଇଦାନରେ ଥିବା ସ୍ୱାଧୀନ ପ୍ରାର୍ଥୀ ଶିବ ଶଙ୍କର ଦାଶ ଓରଫ ପିଣ୍ଟୁଙ୍କ ପାଇଁ ସମ୍ପୃକ୍ତ ବ୍ୟକ୍ତିମାନେ କାମ କରିଥିବା କହିଛନ୍ତି। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀଙ୍କ ସମେତ ଭାଜପାର ତୁଙ୍ଗ ନେତାଙ୍କ ପ୍ରଚାର ଭୋଟରଙ୍କୁ ପ୍ରଭାବିତ କରିଥିବା ସ୍ୱୀକାର କରିଛନ୍ତି। ନେତା ଓ କର୍ମୀଙ୍କ ଦଳ ବିରୋଧୀ କାର୍ଯ୍ୟ ସମ୍ପର୍କରେ ବିଜେଡି ଶୀର୍ଷ ନେତୃତ୍ୱଙ୍କୁ ଜଣାଇଥିବା କହିଛନ୍ତି।

ସୂଚନାଯୋଗ୍ୟ, ବ୍ରହ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୧୭ଜଣ ପ୍ରାର୍ଥୀ ମଇଦାନରେ ଥିଲେ। ସେମାନଙ୍କ ମଧ୍ୟରୁ ୧୪ ଜଣ ଅମାନତ ରଖି ପାରି ନ ଥିଲେ। ଭାଜପାର ପ୍ରାର୍ଥୀ କେ. ଅନିଲ କୁମାରଙ୍କ ସହ ବିଜେଡି ପ୍ରାର୍ଥୀ ଚ୍ୟାଉ ପଟ୍ଟନାୟକଙ୍କ ମୁହାଁମୁହିଁ ଲଢ଼େଇ ହୋଇଥିଲା। ବିଜେଡିର ଦୁର୍ଗ କୁହାଯାଇଥିବା ବ୍ରହ୍ମପୁରରେ ଭାଜପା ପ୍ରାର୍ଥୀ ଅନିଲ ଜିତି ବିଭିନ୍ନ ମହଲକୁ ଚକିତ କରି ଦେଇଥିଲେ। ଅନ୍ୟପକ୍ଷରେ ସ୍ୱାଧୀନ ପ୍ରାର୍ଥୀ ପିଣ୍ଟୁଙ୍କ ଭୋଟ ହାର ବୃଦ୍ଧି ନେଇ ଅଙ୍କକଷା ହୋଇଥିଲା। କଂଗ୍ରେସ ପ୍ରାର୍ଥୀଙ୍କ ଅମାନତ ଉଡ଼ିଥିଲା ଓ ସେହି ଦଳର ପକେଟ ଭୋଟ ଭାଜପାକୁ ଯାଇଥିବା ସମୀକ୍ଷକ ମହଲରୁ ମତ ପ୍ରକାଶ ପାଇଥିଲା।

୨୦୧୯ ନିର୍ବାଚନରେ ବ୍ରହ୍ମପୁର ବିଜେଡି ବିଧାୟକ ପ୍ରାର୍ଥୀ ବିକ୍ରମ ପଣ୍ଡା ୬୮,୧୧୩ ଭୋଟ ପାଇ ବିପୁଳ ବିଜୟୀ ହୋଇଥିବା ବେଳେ ୨୦୨୪ ନିର୍ବାଚନର ବିଜେଡି ପ୍ରାର୍ଥୀ ଚ୍ୟାଉ ପଟ୍ଟନାୟକ ୩୬ ହଜାର ୨୮୮ ଭୋଟ ପାଇଛନ୍ତି। ତୃତୀୟ ସ୍ଥାନରେ ଅଛନ୍ତି ସ୍ୱାଧୀନ ପ୍ରାର୍ଥୀ ପିଣ୍ଟୁ ଦାସ। ସେ ୨୪ ହଜାର ୬୬୧ ଭୋଟ ପାଇଛନ୍ତି। ସୂଚନାଯୋଗ୍ୟ ୨୦୧୪ ନିର୍ବାଚନରେ ଶିବ ଶଙ୍କର ଏହି ଆସନରୁ ଭାଜପାରୁ ପ୍ରତିଦ୍ୱନ୍ଦ୍ୱିତା କରି ୨୪,୦୯୨ ଭୋଟ ପାଇ ୩ୟ ସ୍ଥାନରେ ଥିଲେ। ୨୦୧୯ ନିର୍ବାଚନରେ ସ୍ୱାଧୀନରୁ ଲଢ଼ି ୯,୮୨୧ ଭୋଟ ପାଇଁ ତୃତୀୟ ସ୍ଥାନ ଦଖଲ କରିଥିଲେ। ଚଳିତ ବର୍ଷର ନିର୍ବାଚନରେ ସେ ଭାଜପା ଟିକେଟ ଆଶାୟୀ ଥିଲେ। ଟିକେଟ ନ ମିଳିବାରୁ ସ୍ୱାଧୀନ ଭାବେ ମଇଦାନକୁ ଆସି ଜୋରଦାର ପ୍ରଚାର କରିଥିଲେ। ପିଣ୍ଟୁଙ୍କ ଘର ଗୋଷାଣି ନୂଆଗାଁ ଓ ମହାନଗରର ୨୭ନଂ ୱାର୍ଡ ଗୋଷାଣି ନୂଆଗାଁର ଆଉ କେତେକ ଅଞ୍ଚଳ ଗୋପାଳପୁର ଆସନ ଅନ୍ତର୍ଭୁକ୍ତ। ତେଣୁ ବିଜେଡିର କେତେଜଣ ନେତା ଓ କର୍ମୀ ପିଣ୍ଟୁଙ୍କୁ ସମର୍ଥନ କରିଥିବାରୁ ତାଙ୍କ ଭୋଟ ହାର ବଢ଼ିଥିବା ଚ୍ୟାଉବାବୁ ଆଶଙ୍କା କରିଛନ୍ତି। ବିଜେଡି ପକ୍ଷରୁ ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ ଚ୍ୟାଉ ପଟ୍ଟନାୟକ ସୂଚାଇଛନ୍ତି।

## ଭାରତ ଲୀଳା ମହୋତ୍ସବ ପ୍ରସ୍ତୁତି ବୈଠକ



ବୈଠକରେ ଉପସ୍ଥିତ ସଂଘର ସଦସ୍ୟବୃନ୍ଦ ।

ବ୍ରହ୍ମପୁର,୯।୬(ସ୍ମୃତି ରଞ୍ଜନ ମହାଲିକ)

ଗଞ୍ଜାମ ଜିଲା ବରିଷ୍ଠ କଳାକାର ସଂଘ ପକ୍ଷରୁ ସଂଘର ବାର୍ଷିକୋତ୍ସବ ଅବସରରେ ରାଜ୍ୟସ୍ତରୀୟ ଭାରତ ଲୀଳା ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ରବିବାର ସିଟି ହାଇସ୍କୁଲ ରୋଡ଼ ସ୍ଥିତ ମାନସ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘର କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ଆଚାର୍ଯ୍ୟ ବୈଠକରେ ଅଧ୍ୟକ୍ଷତା କରିଥିଲେ। କୈଳାସ ପାଣିଗ୍ରାହୀ, ଶିକ୍ଷାବିତ୍ ଶଙ୍କର୍ଷଣ ସାବତ ଓ ଡା. ତିରୁପତି ସାହୁ ଉପସ୍ଥିତ ଥିଲେ। ସଂଘର ସଂପାଦକ ସୁବାସ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଆସନ୍ତା ଜୁଲାଇ ୩ ତାରିଖ ସଂଘର ବାର୍ଷିକୋତ୍ସବ ଅବସରରେ ଭାରତ ଲୀଳା ମହୋତ୍ସବ ପ୍ରସ୍ତାବ ବୈଠକରେ ଆଗତ ହୋଇଥିଲା । ସଂଘର କାର୍ଯ୍ୟକାରୀ କମିଟି ସଦସ୍ୟାସଦସ୍ୟ ଉପସ୍ଥିତିରେ ପ୍ରସ୍ତାବ ଅନୁମୋଦନ ହେବା ସହିତ ଉକ୍ତ ଦିବସରେ କଳାକାର ଶୋଭାଯାତ୍ରା ପାଇଁ ନିଷ୍ପତ୍ତି ହୋଇଥିଲା । ଏହି ପରିପ୍ରେକ୍ଷୀରେ ସମସ୍ତ ଭାରତ ଲୀଳା ଲୋକନାଟ୍ୟ ଦଳ ଅଂଶ ଗ୍ରହଣ ନିମନ୍ତେ ସଂଘ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଥିଲା। ବଳଦେବ ସାହୁ, ମୃତ୍ୟୁଞ୍ଜୟ ତ୍ରିପାଠୀ, ଦେବେନ୍ଦ୍ର ପ୍ରସାଦ ଶର୍ମା, ଟି ତାରିଣୀ ରାଓ, କୁନୁ ବେହେରା, ପ୍ରଦୀପ କୁମାର ସାହୁ, ଗୀତା ସ୍ୱାଇଁ, ବନ୍ଦନା ନନ୍ଦ, ବନ୍ଦନା ମହାପାତ୍ରଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଗଞ୍ଜାମରେ ନୋଟାଠୁ ୮୨ ପ୍ରାର୍ଥୀଙ୍କ ଭୋଟ କମ୍

ବ୍ରହ୍ମପୁର,୯।୬(ଅଶୋକ କୁମାର ସାହୁ)

ଗଞ୍ଜାମ ଜିଲାର ଦୁଇ ଲୋକ ସଭା କ୍ଷେତ୍ର ଓ ୧୩ ବିଧାନସଭା ନିର୍ବାଚନ ମଣ୍ଡଳୀରେ ପୃଥକ ଭାବେ ନୋଟାରେ ଯେତିକି ଭୋଟ ପଡିଛି ଅନେକ ପ୍ରାର୍ଥୀଙ୍କୁ ସେତିକି ଭୋଟ ମିଳିନି। ଦୁଇ ଲୋକ ସଭା କ୍ଷେତ୍ରରେ ୧୮ ଓ ୧୩ ବିଧାନସଭା କ୍ଷେତ୍ରରେ ୧୧୫ ଏଭଳି ମୋଟ ୧୩୩ ପ୍ରାର୍ଥୀଙ୍କ ମଧ୍ୟରୁ ୮୨ ପ୍ରାର୍ଥୀଙ୍କ ଭୋଟ ନୋଟାଠୁ କମ୍ ରହିଛି। କେବଳ ଖଲ୍ଲିକୋଟ ନିର୍ବାଚନ ମଣ୍ଡଳୀରେ ଏହି ସଂଖ୍ୟା ଶୂନ ଥିବାବେଳେ ବ୍ରହ୍ମପୁର ବିଧାନସଭା ଆସନରେ ସଂଖ୍ୟା ୨ଅଙ୍କ ଛୁଇଁଛି। ତେବେ ସମ୍ପୃକ୍ତ ପ୍ରାର୍ଥୀମାନେ କାହିଁକି ନିର୍ବାଚନ ଲଢ଼ିବାକୁ ଆଗ୍ରହୀ ଥିଲେ ତାକୁ ନେଇ ଭିନ୍ନ ଭିନ୍ନ ଚର୍ଚ୍ଚା ହେଉଛି।

ବ୍ରହ୍ମପୁର ଲୋକ ସଭା କ୍ଷେତ୍ର ଅଧୀନ ଗଞ୍ଜାମ ଜିଲାରେ ଥିବା ୫ ନିର୍ବାଚନ ମଣ୍ଡଳୀ ମଧ୍ୟରୁ ବ୍ରହ୍ମପୁର ବିଧାନସଭା କ୍ଷେତ୍ରରେ ୧୭ ପ୍ରାର୍ଥୀ ଲଢୁଥିଲେ। ସେମାନଙ୍କ ମଧ୍ୟରୁ ୧୩ଜଣ ନୋଟାରେ ପଡିଥିବା ୬୩୮ ଭୋଟ ତଳେ ଅଛନ୍ତି। ସେହିପରି ଭଞ୍ଜନଗରରେ ୮ଜଣ ପ୍ରାର୍ଥୀ ଲଢୁଥିବାବେଳେ ନୋଟାରେ ପଡିଥିବା ୧୯୪୧ ଭୋଟ ତଳେ ୪ଜଣ ଅଛନ୍ତି। ଛତ୍ରପୁରରେ ୧୦ ପ୍ରାର୍ଥୀ ଲଢୁଥିବାବେଳେ ନୋଟାରେ ପଡିଥିବା ୧୯୫୮ ଭୋଟ ତଳେ ୬ ଜଣ ଅଛନ୍ତି। ଚିକିଟିରେ ୮ ପ୍ରାର୍ଥୀ ଲଢୁଥିବାବେଳେ ନୋଟାରେ ପଡିଥିବା ୧୪୭୭ ଭୋଟ ତଳେ ୫ ଜଣ ରହିଛନ୍ତି। ଦିଗପହଣ୍ଡିରେ ୧୩ ପ୍ରାର୍ଥୀ ଲଢୁଥିବାବେଳେ ନୋଟାରେ ପଡିଥିବା ୧୩୩୮ ଭୋଟ ତଳେ ୯ ଜଣ, ଗୋପାଳପୁରରେ ୧୦ ପ୍ରାର୍ଥୀ ଲଢୁଥିବାବେଳେ ନୋଟାରେ ପଡିଥିବା ୧୨୦୦ ଭୋଟ ତଳେ ୬ ଜଣ, ହିଞ୍ଜିଳିରେ ୧୦ ପ୍ରାର୍ଥୀ ଲଢୁଥିବାବେଳେ ନୋଟାକୁ ଯାଇଥିବା ୧୯୨୧ ଭୋଟ ତଳେ ୭ ଜଣ ଅଛନ୍ତି। କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀରେ ୧୦ ପ୍ରାର୍ଥୀ ଲଢୁଥିବାବେଳେ ନୋଟାକୁ ଯାଇଥିବା ୨୦୩୮ ଭୋଟ ତଳେ ୬ ପ୍ରାର୍ଥୀ ଅଛନ୍ତି। ସେହିପରି ଖଲ୍ଲିକୋଟ ବିଧାନସଭା ଆସନରେ ୩ ପ୍ରାର୍ଥୀ ଥିବାବେଳେ ନୋଟାରେ ପଡିଥିବା ୩୭୦୮ ଭୋଟ ଉପରେ ସମସ୍ତେ ଅଛନ୍ତି। ପୋଲସରାରେ ୯ ପ୍ରାର୍ଥୀ ଲଢୁଥିବାବେଳେ ନୋଟାକୁ ଯାଇଥିବା ୧୭୯୧ ଭୋଟ ତଳେ ୬ ପ୍ରାର୍ଥୀ ଅଛନ୍ତି। ସାନଖେମୁଣ୍ଡିରେ ୪ ପ୍ରାର୍ଥୀ ଲଢୁଥିବାବେଳେ ନୋଟାରେ ପଡିଥିବା ୨୭୨୪ ଭୋଟ ତଳେ ଜଣେ ପ୍ରାର୍ଥୀ ଅଛନ୍ତି। ସେହିପରି ସୋରଡାରେ ୭ ପ୍ରାର୍ଥୀ ଲଢୁଥିବାବେଳେ ନୋଟାରେ ପଡିଥିବା ୨୪୮୮ ଭୋଟ ତଳେ ୪ ଜଣ ଅଛନ୍ତି। ଆସିକା ନିର୍ବାଚନ ମଣ୍ଡଳୀରେ ୬ ପ୍ରାର୍ଥୀ ଲଢୁଥିବାବେଳେ ନୋଟାକୁ ଯାଇଥିବା ୧୯୨୨ ଭୋଟ ତଳେ ୩ ପ୍ରାର୍ଥୀ ରହିଥିବା ଜାତୀୟ ନିର୍ବାଚନ କମିଶନ ୱେବ ସାଇଟ ତଥ୍ୟରୁ ଜଣାପଡିଛି। ସେହିପରି ଲୋକ ସଭା କ୍ଷେତ୍ରକୁ ଦେଖିଲେ ବ୍ରହ୍ମପୁର ଲୋକସଭା କ୍ଷେତ୍ର ପାଇଁ ୧୧ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ନୋଟାରେ ପଡିଥିବା ୧୫,୯୪୨ ଭୋଟ ତଳେ ୮ଜଣ ପ୍ରାର୍ଥୀ ରହିଛନ୍ତି। ସେହିପରି ଆସିକା ଲୋକ ସଭା କ୍ଷେତ୍ରରେ ୭ ପ୍ରାର୍ଥୀ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଥିବାବେଳେ ନୋଟାରେ ପଡିଥିବା ୨୧,୯୪୧ ଭୋଟ ତଳେ ୪ ପ୍ରାର୍ଥୀ ରହିଛନ୍ତି। ରାଜନୈତିକ ମହଲରୁ ମିଳିଥିବା ମତରୁ ଜଣାପଡିଛି ଯେ, ନିର୍ବାଚନ ଆସିଲେ ଅନେକ ପ୍ରାର୍ଥୀ ନିର୍ବାଚନ ଲଢ଼ି କେବଳ ତାଲିକାରେ ନାମ ରଖିବାକୁ ଆଗ୍ରହୀ ହୋଇପଡୁଛନ୍ତି। ଅନେକ ପ୍ରାର୍ଥୀ ଅମାନତ ଉଡିଯାଉଛି। ତେଣୁ ସେମାନଙ୍କୁ ହାରଜିତରେ କିଛି ଫରକ ପଡୁନାହିଁ।

